ବର୍ଷ-୨୬, ସଂଖ୍ୟା-୧୩୮
ଭୁବନେଶ୍ୱର
୨୨, ମଇ, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 138
Bhubaneswar
22 May, 2026 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ରାଜ୍ୟ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୮ ସୂତ୍ରୀ ମାର୍ଗଦର୍ଶିକା, ଜୁନ ପହିଲାରୁ ଇଭି ବାଧ୍ୟତାମୂଳକ

ଭୁବନେଶ୍ୱର,୨୧।୫(ମହାଭାରତ): ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ ଦେଶରେ ତୈଳ ସଙ୍କଟର ଆଶଙ୍କା ସୃଷ୍ଟି ହୋଇଛି। ଆଉ ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲ ଓ ଡିଜେଲ୍ ଖର୍ଚ୍ଚ ଉପରେ ସରକାରୀସ୍ତରରେ ଅଙ୍କୁଶ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଡା ନିଷ୍ପତ୍ତି ନେଇଛନ୍ତି। ଜୁନ୍ ପହିଲାରୁ ରାଜ୍ୟର ସରକାରୀ କାର୍ଯ୍ୟାଳୟଗୁଡିକରେ ଯାହାବି ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ ତାହା ବୈଦ୍ୟୁତିକ ଯାନ ବା ଇଭି ହେବା ସମ୍ପୂର୍ଣ୍ଣ ବାଧ୍ୟତାମୂଳକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ତୈଳ ସଙ୍କଟର ମୁକାବିଲା ଓ ସରକାରୀ ଗାଡିଗୁଡିକର ବ୍ୟବହାର ହ୍ରାସ ନିମନ୍ତେ ରାଜ୍ୟ ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ୮ସୂତ୍ରୀ ଗାଇଡଲାଇନ୍ ଜାରି କରି ଏହାକୁ ତୁରନ୍ତ ରାଜ୍ୟରେ ଲାଗୁ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜାରି କରିଥିବା ୮ଟି ନିର୍ଦ୍ଦେଶନାମା ଅନୁସାରେ, ଏଣିକି ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ ଓ କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ କେବଳ ଭର୍‌ଚୁଆଲ ମୋଡରେ ହିଁ କରାଯିବ। ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଅତି ଆବଶ୍ୟକତା ଥିବ, ସେଠାରେ କେବଳ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ହିଁ ସିଧାସଳଖ ଯୋଗ ଦେଇପାରିବେ ଏବଂ ବାକି ଅନ୍ୟ ସମସ୍ତେ ଭର୍‌ଚୁଆଲ ମୋଡରେ ଯୋଗ ଦେବେ।

ସେହିପରି ଆସନ୍ତା ଜୁନ୍ ପହିଲାରୁ ସରକାରୀ ଅଫିସଗୁଡିକରେ ଯେଉଁ ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ, ସେଗୁଡିକ ବୈଦ୍ୟୁତିକ ଯାନ ବା ଇଭି ହେବା ସମ୍ପୂର୍ଣ୍ଣ ବାଧ୍ୟତାମୂଳକ। କେବଳ ବିଶେଷ ଆବଶ୍ୟକତା ଥିଲେ ହିଁ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ। ଏପରିକି ଜୁନ୍ ପହିଲାରୁ ସରକାରୀ ଅଫିସରେ ଭଡା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ଗୁଡିକ ମଧ୍ୟ ଇଭି ହେବା ବାଧ୍ୟତାମୂଳକ। ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ଗାଡି ପାଇଥିବା ବରିଷ୍ଠ ଅଧିକାରୀମାନେ ଏଣିକି ନିଜ



ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡି ବ୍ୟବହାର କରିବେ ଓ ସେହି ଅନୁଯାୟୀ ସରକାରୀ ଯାନ ବ୍ୟବହାର ପାଇଁ ମିଳୁଥିବା ରାଶିର ପରିମାଣକୁ ମଧ୍ୟ ଅଧା କରାଯିବ। ପ୍ରଶାସନର କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥ ବିଭାଗ ଆସନ୍ତା ୧୫ ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବ। ସେହିପରି ଦୂରସ୍ଥାନକୁ ପରିଦର୍ଶନରେ କିମ୍ବା ସରକାରୀ ଟୁରରେ ଗଲାବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ । ଯେଉଁ ଅଧିକାରୀମାନଙ୍କର ନିଜସ୍ୱ ବୈଦ୍ୟୁତିକ ଗାଡି ରହିଛି, ସେମାନେ ସରକାରୀ ଅଫିସରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ମଧ୍ୟ ଅର୍ଥବିଭାଗ ପକ୍ଷରୁ ଗାଇଡଲାଇନ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ସରକାରୀ କର୍ମଚାରୀମାନଙ୍କ ସୁବିଧା ପାଇଁ, ଯେଉଁ ସ୍ଥାନଗୁଡିକରେ ବହୁଳ ମାତ୍ରାରେ ସରକାରୀ କର୍ମଚାରୀ ରହୁଛନ୍ତି, ସେଠାରୁ ଅଫିସ୍ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ। ସରକାରୀ ଗାଡି ଗୁଡିକର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତିକମରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ ଅଫିସ୍ ସୁଚିନ୍ତିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ନୂଆ ନିୟମ କେବଳ ସଚିବାଳୟ ବା ଲୋକସେବା ଭବନ ମଧ୍ୟରେ ସୀମିତ ରହିବ ନାହିଁ । ଏହା ରାଜ୍ୟ(ଙ୍ୟସଶ୍ୱଷବ) ସଚିବାଳୟ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ବିଭାଗର ଉପଖଣ୍ଡ, ତହସିଲ, ବ୍ଲକ୍ ?ସ୍ତର ସହିତ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଉଦ୍ୟୋଗ, ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ସମିତିମାନଙ୍କରେ ଏହାକୁ କଡାକଡି ଭାବେ ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।ଉଲ୍ଲେଖଯୋଗ୍ୟ , ନିକଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିଜେ ଉଦାହରଣ ସାଜି ତାଙ୍କ କାରକେଡର ଗାଡି ସଂଖ୍ୟାକୁ ଅଧା କରିବା ସହ ପେଟ୍ରୋଲ-ଡିଜେଲ ଖର୍ଚ୍ଚ କମ୍ କରିବାକୁ ସାଧାରଣ ଜନତାଙ୍କୁ ମଧ୍ୟ ନିବେଦନ କରିଥିଲେ। ଏବେ ସେହିକ୍ରମରେ ସମ୍ପୂର୍ଣ୍ଣ ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ ପରିବର୍ତ୍ତନ ଆଣିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି।

# କେନ୍ଦୁଝରରେ କାଳବୈଶାଖୀ ତାଣ୍ଡବ; ୩ ମୃତ



କେନ୍ଦୁଝର,୨୧।୫(ମହାଭାରତ): : ଗୋଟିଏ ପଟେ ପ୍ରଚଣ୍ଡ ଖରା ଯୋଗୁ ଲୋକେ ସନ୍ତୁଳି ହେଉଥିବା ବେଳେ ଅନ୍ୟ ପଟେ କାଳବୈଶାଖୀର ତାଣ୍ଡବରେ ଚାଲିଯାଇଛି ୩ଟି ଜୀବନ। କେନ୍ଦୁଝର ଟାଉନ ଥାନା ନରଣପୁରରେ ଘଟିଛି ଏହି ଘଟଣା।

ଆଜି ଅପରାହ୍ନରେ ପ୍ରବଳ ବର୍ଷା ଓ ପବନ ଯୋଗୁ ନରଣପୁରରେ ଏକ ଟେଣ୍ଟ ହାଉସ୍ ? କାଠ ବ୍ୟାଟନ୍ ଥିବା ଭାଡି ଭୁଶୁଡି ପଡିଥିଲେ। ଫଳରେ ତା’ ତଳେ ଶୋଇଥିବା ୪ ଜଣ ବ୍ୟକ୍ତି ଚାପି ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଆଉ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସ୍ଥାନୀୟ ଲୋକେ ସେମାନଙ୍କୁ ଭୁଶୁଡି ପଡିଥିବା କାଠ ବ୍ୟାଟନ ଭାଡାରୁ ବାହାର କରିପାରି ନଥିଲେ। ଅଗ୍ନିଶମ ବାହିନୀ ଆସି ସେମାନଙ୍କୁ ବାହାର କରିଥିଲା। ସେତେବେଳକୁ ୩ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ୍ ଓ ତହସିଲଦାର ବି ସେଠାରେ ପହଞ୍ଚିଥିଲେ। ଗୁରୁତର ଆହତ ଯୁବକଙ୍କୁ ଡାକ୍ତରଖାନା ପଠାଯାଇଥିଲା।

ଅନ୍ୟପକ୍ଷରେ କାଳବୈଶାଖୀ ଜନିତ ପ୍ରବଳ ପବନରେ ହରିଡାଗୋଠରେ ଏକ ଘର ଭାଙ୍ଗି ଯିବାରୁ ଜଣେ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଭଳି ଯାଜପୁରର ବିଭିନ୍ନ ସ୍ଥାନରେ

## ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ

କାଳବୈଶାଖୀ ବର୍ଷା ଓ ପବନ ହୋଇଛି। ନରଣପୁର ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି (ଉଗଜର) ରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

## ଗିରି ରୋଡ୍ ବର୍ବରତା

# ବଡ଼କୁ ଏନକାଉଣ୍ଟର, ସାନର ଆତ୍ମସମର୍ପଣ

ବ୍ରହ୍ମପୁର,୨୧।୫(ମହାଭାରତ): ବ୍ରହ୍ମପୁର ଗିରି ରୋଡ୍ ବର୍ବରତା ଘଟଣାରେ ଆଉ ଜଣେ ଅଭିଯୁକ୍ତ ଆତ୍ମସମର୍ପଣ କରିଛି । ମୁଖ୍ୟ ଅଭିଯୁକ୍ତ ମୁଫଟେସ ସାହୁ ଓରଫ ମୁକେଶର ସାହୁର ସାନ ଭାଇ ଆଶିଷ କୁମାର ସାହୁ ବ୍ରହ୍ମପୁର ଟାଉନ ଥାନା ପୋଲିସ ନିକଟରେ ଗୁରୁବାର ଆତ୍ମସମର୍ପଣ କରିଛି । ଗତକାଲି ବିଳମ୍ବିତ ରାତିରେ ବ୍ରହ୍ମପୁର ନିକଟସ୍ଥ ଟାମଣା ଘାଟିରେ ପୋଲିସ ଓ ଅଭିଯୁକ୍ତ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ପରେ ଏହି ଏନକାଉଣ୍ଟର ହୋଇଛି।



ଉଲ୍ଲେଖ ଯୋଗ୍ୟ, ଗତ ୧୮ ତାରିଖ ରାତିରେ ଉମେଶ ନାମକ ଜଣେ ବ୍ୟକ୍ତିଙ୍କୁ ଅତି ଅମାନୁଷିକ ଭାବରେ ରାସ୍ତାରେ ମଝିରେ ମାଡ଼ ମରାଯାଇଥିଲା । ଉମେଶଙ୍କ ସହିତ ଥିବା ତାଙ୍କ ବାନ୍ଧବୀ ଅଟକାଇବାକୁ ଯାଇ ସିଏ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ । ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ମାମଲାରେ ମୋଟ ତିନି ଜଣଙ୍କୁ ଗିରଫ କରାଯାଇଛି । ମୁଖ୍ୟ ଅଭିଯୁକ୍ତ ମୁକେଶ ସାହୁକୁ ଗତକାଲି ରାତିରେ ପୋଲିସ ଏନକାଉଣ୍ଟର କରିଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ରାଜ ମଲହୋତ୍ରା ଓ ଲିଙ୍ଗରାଜ ସାମଲଙ୍କୁ ଗିରଫ କରାଯାଇଛି । ଗତକାଲି ବିଳମ୍ବିତରେ ପୋଲିସ ସହ ମୁହାଁମୁହିଁ ହେବା ପରେ ଅଭିଯୁକ୍ତ ମୁକେଶ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଏନକାଉଣ୍ଟର କରିଛି । ଗତ ସାତ ଦିନ ମଧ୍ୟରେ ବ୍ରହ୍ମପୁର ପୋଲିସ ପକ୍ଷରୁ ଦୁଇ ଦୁଇଟି ଏନକାଉଣ୍ଟର କରାଯାଇଛି।

# ଭିଜିଲାନ୍ସ ଜାଲରେ ଯନ୍ତ୍ରୀ

ଭୁବନେଶ୍ୱର,୨୧।୫(ମହାଭାରତ): ରାୟଗଡ଼ା ଜିଲ୍ଲା କୋଲନାରା ବ୍ଲକର ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ବଡ଼ ଧରଣର ଚଢ଼ାଉ ଆରମ୍ଭ କରିଛି ଓଡ଼ିଶା ଭିଜିଲାନ୍ସ।

ବେରହମପୁର ଭିଜିଲାନ୍ସ ସ୍ପେଶାଲ ଜଜଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସର ଏକାଧିକ ଟିମ୍ ଗଞ୍ଜାମ ଓ ରାୟଗଡ଼ା ଜିଲ୍ଲାରେ ଥିବା ମଳୟ ନାୟକଙ୍କ ସମ୍ପର୍କିତ ୭ଟି ସ୍ଥାନରେ ଏକକାଳୀନ ତଲାସି ଚଳାଇଛନ୍ତି। ଏହି ଅଭିଯାନରେ ୫ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ସାମିଲ ଅଛନ୍ତି।

ଚଢ଼ାଉ ହେଉଥିବା ସ୍ଥାନଗୁଡ଼ିକ ମଧ୍ୟରେ ବ୍ରହ୍ମପୁରର ସାଉଣ୍ଡର୍ଯ୍ୟ ନଗରସ୍ଥିତ ତିନି ମହଲା ବିଶିଷ୍ଟ ବାସଭବନ, ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦର ଥୋଲାଣ୍ଡା ବଡ଼ଦାଣ୍ଡ ସାହିରେ ଥିବା ପୈତୃକ ଘର, ବୁଗୁଡ଼ାର ବାଲିପିଣ୍ଡି ସାହି ଓ ପଙ୍କଲ ସାହିରେ ଥିବା ସମ୍ପର୍କୀୟଙ୍କ ଘର ସାମିଲ ରହିଛି। ଏହାଛଡ଼ା ଗୋଳନ୍ଥରା ଅଞ୍ଚଳର କମଳାପୁରରେ ଥିବା ଶାଶୁଘର, ରାୟଗଡ଼ାର ରୋଇଟ୍ କଲୋନୀରେ ଥିବା ଭଡ଼ାଘର ଏବଂ କୋଲନାରା ବ୍ଲକ କାର୍ଯ୍ୟାଳୟରେ ଥିବା ତାଙ୍କ ଅଫିସ ପ୍ରକୋଷ୍ଠରେ ମଧ୍ୟ ତଲାସି ଚାଲିଛି।ଭିଜିଲାନ୍ସ ଅଧିକାରୀମାନେ ବିଭିନ୍ନ ଜମିଜମା ସମ୍ବନ୍ଧୀୟ ଦସ୍ତାବିଜ, ବ୍ୟାଙ୍କ ଖାତା, ମୂଲ୍ୟବାନ ସାମଗ୍ରୀ ଓ ଅନ୍ୟାନ୍ୟ ଆର୍ଥିକ ରେକର୍ଡ଼ ଯାଞ୍ଚ କରୁଛନ୍ତି। ତାଙ୍କ ଜଣାଶୁଣା ଆୟ ଉତ୍ସ ତୁଳନାରେ କେତେ ପରିମାଣର ସମ୍ପତ୍ତି ସଞ୍ଚୟ ହୋଇଛି, ତାହାର ଖୋଳତାଡ଼ କରାଯାଉଛି। ଚଢ଼ାଉ ଶେଷ ପରେ ମଳୟ ନାୟକଙ୍କ ନିକଟରୁ କେତେ ପରିମାଣର ସମ୍ପତ୍ତି ଠାବ ହୋଇଛି ଏବଂ ସେଗୁଡ଼ିକ ଆୟବହିର୍ଭୂତ କି ନୁହେଁ, ସେନେଇ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିବ। ଏହି ଚଢ଼ାଉକୁ ନେଇ ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାରେ ବେଶ ଚର୍ଚ୍ଚା ଜୋର ଧରିଛି।

# ୧୦ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୨୧।୫(ମହାଭାରତ): ସମୟକ୍ରମେ ଅପ୍ରଚଳିତ ୩୫୮ଟି ଅଧିନିୟମ (ଆଇନ)କୁ ବିଲୋପ କରି ଦିଆଯାଇଛି। ଏ ସଂକ୍ରାନ୍ତରେ ଆଇନ ବିଭାଗର ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ୧୯୭୪ରୁ ୨୦୨୫ ମଧ୍ୟରେ ବିଧାନସଭା ଦ୍ୱାରା ପ୍ରଣୀତ ୩୫୮ଟି ଅଧିନିୟମକୁ ବିଲୋପ ନିମନ୍ତେ ଓଡିଶା ରାଜ୍ୟ ଆଇନ ଆୟୋଗ ସୁପାରିସ କରିଥିଲା। ଏହାକୁ କାର୍ଯ୍ୟକାରୀ ପାଇଁ ଆଇନ ବିଭାଗ ପକ୍ଷରୁ ଓଡିଶା ବିଲୋପ ବିଲ୍-୨୦୨୬ ଅଣାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ୍ ବୈଠକରେ ୭ଟି ବିଭାଗର ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କହିଛନ୍ତି, ଏହି ୩୫୮ ଅଧିନିୟମକୁ ଆଉ ଆଇନ ପୁସ୍ତକରେ ରଖିବାର ଆବଶ୍ୟକତା ନାହିଁ। ସେହିପରି ଓଡିଶା ଜିଲ୍ଲା ଓ ସିଭିଲ୍ କୋର୍ଟର ଅଣ-ନ୍ୟାୟିକ କର୍ମଚାରୀ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୦୮ର ସଂଶୋଧନ ମାଧ୍ୟମରେ ଗ୍ରୁପ୍-ଡି କର୍ମଚାରୀମାନଙ୍କୁ ଜୁନିୟର କ୍ଲର୍କ ପଦବିକୁ ପଦୋନ୍ନତି ପାଇବାର ସୁଯୋଗ ଦିଆଯାଇଛି। ଏହାସହ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲା ନ୍ୟାୟାଳୟରେ କୋର୍ଟ ମ୍ୟାନେଜର ସେବାକୁ ନିୟମିତ ପାଇଁ ନୂତନ ନିୟମାବଳୀ ପ୍ରଣୟନ ନିଷ୍ପତ୍ତି ହୋଇଛି। କ୍ୟାବିନେଟ୍ ‘ଓଡିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ଆଦେଶ, ୧୯୭୯’ ରଦ୍ଦ ପାଇଁ ‘ଓଡିଶା ହାଇସ୍ପିଡ୍ ଡିଜେଲ୍ ଡିଲର୍ସ ଲାଇସେନ୍ସ ରିପିଲ, ୨୦୨୬’ ନାମକ ଏକ ନୂତନ ଅଧିସୂଚନାକୁ ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ରିଟେଲ୍ ଆଉଟଲେଟ୍ ସ୍ଥାପନ ନିମନ୍ତେ ଜିଲ୍ଲାପାଳଙ୍କଠାରୁ ଏନ୍‌ଓସି ଆଣିବାକୁ ପଡିବନି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ଓଡିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଆଇନ, ୧୯୮୨କୁ ଉଚ୍ଛେଦ କରି ନୂତନ ଓଡିଶା ସାମୁଦ୍ରିକ ମତ୍ସ୍ୟଧରା ନିୟନ୍ତ୍ରଣ ଅଧିନିୟମ,୨୦୨୬ ପ୍ରଣୟନ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। ଏହି ନୂତନ ଆଇନରେ ଉପକୂଳବର୍ତ୍ତୀ ସମ୍ପ୍ରଦାୟର ସୁରକ୍ଷା, ତଟୀୟ ଓ ଜାତୀୟ ନିରାପତ୍ତାକୁ ଉଚ୍ଚ ପ୍ରାଥମିକତା ଦିଆଯାଇଛି। ଆଇନରେ ଟ୍ରାନ୍ସପଣ୍ଡର, ଭିଏଚ୍‌ଏଫ୍ ରେଡିଓ, ଭେସେଲ୍ ଟ୍ରାକିଂ ଆଣ୍ଡ ମନିଟରିଂ ସିଷ୍ଟମ (ଭିଟିଏମ୍‌ଏସ୍) ସମେତ ଆଧୁନିକ ନିରାପତ୍ତା ଉପକରଣ ଏବଂ ଯୋଗାଯୋଗ ଜ୍ଞାନକୌଶଳର ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ମତ୍ସ୍ୟଜୀବୀଙ୍କ ପାଇଁ ବାଧ୍ୟତାମୂଳକ ବାୟୋମେଟ୍ରିକ୍, କ୍ୟୁଆର୍ କୋଡ୍‌ଯୁକ୍ତ ଆଧାର ପରିଚୟପତ୍ର ଓ ଉନ୍ନତ ବୀମା କଭରେଜ୍ ବ୍ୟବସ୍ଥା କରାଯାଇଛି। ଏହି ଆଇନ ଲାଗୁ ହେଲେ ବେଆଇନ, ଅଣରିପୋର୍ଟ ଏବଂ ଅନିୟନ୍ତ୍ରିତ ମାଛଧରା କାର୍ଯ୍ୟକଳାପକୁ ରୋକାଯାଇପାରିବ। ଏହି ନୂତନ ଆଇନ ବଳରେ ୨୦୩୬ ସୁଦ୍ଧା ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ରକୁ ସମ୍ପ୍ରସାରିତ କରି ୨୫ ହଜାର କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି।

‘ଓଡିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ନିୟମାବଳୀ, ୨୦୨୬’କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହା ଦ୍ୱାରା ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ଗଠନ ପ୍ରକ୍ରିୟା ପାଦେ ଆଗେଇଛି। ରାଜ୍ୟର ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜିର ସୁପରିଚାଳନା, ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ସ୍ଥାପନ, ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା କ୍ୟାଡରର ପୁନର୍ଗଠନ ଏବଂ କ୍ୟାଡର୍ ନିୟମାବଳୀ ପ୍ରଣୟନ ନିମନ୍ତେ ୨୦୨୩ ଅକ୍ଟୋବର ମାସରେ କ୍ୟାବିନେଟ୍ ନିଷ୍ପତ୍ତି ନେଇଥିଲା। ସ୍ୱତନ୍ତ୍ର ରାଜ୍ୟ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ସହଜରେ ସଂରକ୍ଷିତ ହୋଇପାରିବ। ସେହି ଅନୁଯାୟୀ ଓଡିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ବର୍ଗର ବିଭିନ୍ନ ପଦରେ ନିଯୁକ୍ତି ଓ ପଦୋନ୍ନତି ପାଇଁ ‘ଓଡିଶା ପ୍ରତ୍ନତାତ୍ତ୍ୱିକ କ୍ୟୁରେଟର ସେବା ନିୟମାବଳୀ,୨୦୨୬’ ପ୍ରଣୟନ କରାଯାଇଛି।

# ପୁଲଓ୍ୱାମା ହମଲାର ମାଷ୍ଟରମାଇଣ୍ଡ ହମ୍‌ଜା ସଫା

ନୂଆଦିଲ୍ଲୀ,୨୧।୫(ମହାଭାରତ): ପୁଣି ପାକିସ୍ତାନରେ ଅଜଣା ବନ୍ଧୁକଧାରୀ ଘଟାଇଛନ୍ତି ବଡ ଘଟଣା। ଦେଶକୁ ଦୋହଲାଇ ଦେଇଥିବା ୨୦୧୯ ମସିହା ପୁଲଓ୍ୱାମା ହମଲାର ଅନ୍ୟତମ ମାଷ୍ଟରମାଇଣ୍ଡ

## ପାକିସ୍ତାନରେ ଅଜ୍ଞାତ ଦୁର୍ବୃତ୍ତ ଗୁଳିମାଡ଼ରେ ନିପାତ

## ଶିକ୍ଷକ ପରିଚୟରେ ରହୁଥିଲେ ହମ୍‌ଜା

ହମଜା ବୁରହାନର ଖେଳ ଶେଷ ହୋଇଛି। ଆଜି ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରେ ଅଜଣା ବ୍ୟକ୍ତିଙ୍କ ଗୁଳିମାଡରେ ନିହତ ହୋଇଛି ହମଜା।

ଡାକ୍ତର ଭାବେ ପରିଚିତ ଏହି କୁଖ୍ୟାତ ଆତଙ୍କବାଦୀକୁ ମୁଜାଫରବାଦରେ ଏକାଧିକ ଗୁଳି ମାଡ ହୋଇଥିଲା। ଏହାପରେ ତା’କୁ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତା’ର ମୃତ୍ୟୁ ହୋଇଛି।



ଜମ୍ମୁ-କଶ୍ମୀର ଅନ୍ତର୍ଗତ ପୁଲଓ୍ୱାମାର ମୂଳବାସିନ୍ଦା ହେଉଛି ହମଜା। ତା’ର ପ୍ରକୃତ ନାଁ ଅର୍ଜୁମାନ୍ଦ ଗୁଲଜାର ଦାର। ସେ ପାକିସ୍ତାନରେ ରହି ଭାରତ ବିରୋଧରେ ଷଡଯନ୍ତ୍ର କରୁଥିଲା। ୨୦୨୨ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତା’କୁ ଆତଙ୍କବାଦୀ ଭାବେ ଘୋଷଣା କରିଥିଲା। ହମଜା ଓରଫ ଡାକ୍ତର ପୁଲଓ୍ୱାମା ହମଲାରେ ବେଶ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ୨୦୧୯ ଫେବୃଆରୀ ୧୪ରେ ପୁଲଓ୍ୱାମାରେ ସିଆରପିଏଫ କନଭୟ ଉପରେ ଆତ୍ମଘାତୀ ହମଲା ହୋଇଥିଲା। ଏଥିରେ ୪୦ ଜଣ ବୀର ଯବାନ ସହିଦ ହୋଇଥିଲେ। ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲା ହମଜା।

ହମଜାର ଜନ୍ମ ପୁଲଓ୍ୱାମାରେ ହୋଇଥିଲେ ହେଁ ସେ ୨୦୧୭ରେ ଅଧିକ ପାଠପିବାକୁ ପାକିସ୍ତାନ ଚାଲି ଯାଇଥିଲା। କିନ୍ତୁ ସେଠାରେ ସେ ଆତଙ୍କୀ ସଂଗଠନ ଅଲ ବଦରରେ ସାମିଲ ହୋଇଥିଲା। ସମୟକ୍ରମେ ସେ ସଂଗଠନର କମାଣ୍ଡର ପାହ୍ୟା ହାସଲ କରିଥିଲା। ଭାରତରେ ହୋଇଥିବା ଏକାଧିକ ଆତଙ୍କବାଦୀ ହମଲାରେ ହମଜା ସାମିଲ ରହିଥିଲା। ସେ ଅଲ ବଦର ପାଇଁ କାମ କରୁଥିଲେ ହେଁ ଏହା ଜୈଶ-ଇ-ମହମ୍ମଦର ଅଂଶବିଶେଷ ରହିଥିଲା। ପୁଲଓ୍ୱାମା ହମଲା ପଛରେ ଜୈଶ ରହିଥିଲା। କିନ୍ତୁ ଏହାର ଅନ୍ୟତମ ମାଷ୍ଟରମାଇଣ୍ଡ ହେଉଛି ହମଜା। ପୁଲଓ୍ୱାମା ହମଲା ପରେ ଭାରତୀୟ ସେନା ଏହାର ବଦଲା ନେଇଥିଲେ। ଭାରତୀୟ ସେନା ପକ୍ଷରୁ ବାଲାକୋଟରେ କରାଯାଇଥିଲା ଏୟାର ଷ୍ଟ୍ରାଇକର। ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଥିଲା। ପାକିସ୍ତାନ ଏହାର ବଦଲା ନେବାକୁ ଚେଷ୍ଟା କରିବାରୁ ଦୁଇ ଦେଶ ମଧ୍ୟରେ ଆକାଶ ପଥରେ ବେଶ କିଛି ସମୟ ପାଇଁ ଘମାଘୋଟ ଲଢ଼େଇ ଦେଖିବାକୁ ମିଳିଥିଲା।

# ପୁଣି ଖୋଲିବ ଆରଜି କର ଫାଇଲ୍

କୋଲକାତା,୨୧।୫(ମହାଭାରତ): ଦେଶକୁ ସ୍ତବ୍ଧ କରିଦେଇଥିବା କଲିକତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଡାକ୍ତରୀ ଛାତ୍ରୀ ‘ଅଭୟା’ ବଳାତ୍କାର ଏବଂ ହତ୍ୟା ମାମଲାରେ ଆଜି ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆସିଛି । ଏହି ସମ୍ବେଦନଶୀଳ ମାମଲାର ଫାଇଲ୍ ପୁଣି ଥରେ ଖୋଲିବାକୁ କଲିକତା ହାଇକୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ରୀୟ ସେବା ସଂସ୍ଥା ସିବିଆଇ ଏକ ସ୍ୱତନ୍ତ୍ର ସିଟ୍ ଗଠନ କରି ଏହି ସମ୍ପୂର୍ଣ୍ଣ ଘଟଣାର ପୁନଃ ତଦନ୍ତ କରିବ ବୋଲି ହାଇକୋର୍ଟ ଆଜି ତାଙ୍କ ରାୟରେ କହିଛନ୍ତି । ବିଚାରପତି ଶମ୍ପା ସରକାର ଏବଂ ବିଚାରପତି ତୀର୍ଥଙ୍କର ଘୋଷଙ୍କୁ ନେଇ ଗଠିତ ହାଇକୋର୍ଟଙ୍କ ମାନ୍ୟବର ଡିଭିଜନ୍ ବେଞ୍ଚ ଏହି ଐତିହାସିକ ନିର୍ଦ୍ଦେଶ ଦେଇଛନ୍ତି । ପୀଡ଼ିତା ଡାକ୍ତରଙ୍କ ପିତାମାତା ନ୍ୟାୟ ପାଇଁ ଏବଂ ଏହି ମାମଲାର ଏକ ନୂତନ ତଥା ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପରିବାରର ସେହି ଆବେଦନକୁ ଗ୍ରହଣ କରି କୋର୍ଟ ସିବିଆଇକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ସମୟରେ ସିବିଆଇର ମୁଖ୍ୟ ତଦନ୍ତକାରୀ ଅଧିକାରୀ ସୀମା ପାହୁଜାଙ୍କ ଉପସ୍ଥିତିରେ କୋର୍ଟ କେନ୍ଦ୍ରୀୟ ସଂସ୍ଥାକୁ ଅନେକ ତୀକ୍ଷ୍ଣ ପ୍ରଶ୍ନ ମଧ୍ୟ ପଚାରିଥିଲେ ।

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସିବିଆଇକୁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏସ୍‌ଆଇଟି ଗଠନ କରିବାକୁ ପଡ଼ିବ । ଏହି ସ୍ୱତନ୍ତ୍ର ଟିମ୍ ସିବିଆଇର ପୂର୍ବ ଜୋନ୍ ଯୁଗ୍ମ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପରିଚାଳିତ ହେବ ଏବଂ ଏଥିରେ ମୋଟ ୩ ଜଣ ଦକ୍ଷ ଅଧିକାରୀ ସାମିଲ ରହିବେ । ଅଭୟାଙ୍କ ପରିବାର ଲୋକେ କରିଥିବା ଅଭିଯୋଗକୁ ଆଧାର କରି ଏହି ନୂତନ ଟିମ୍ ପୂରା ଘଟଣାର ତଦନ୍ତଭାର ହାତକୁ ନେବ ।

# ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଅ।ପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

# ରିଲିଜ ହେଲା ଦୃଶ୍ୟମ୍ ୩ ଫିଲ୍ମ



ମାଲାୟଲାମ ସିନେମାର ସବୁଠାରୁ ଚର୍ଚ୍ଚିତ ଏବଂ ବହୁ ପ୍ରତୀକ୍ଷିତ କ୍ରାଇମ୍ ଥ୍ରିଲର ଫ୍ରେଞ୍ଚାଇଜର ତୃତୀୟ ପାର୍ଟ ଦୃଶ୍ୟମ୍ ୩ ଆଜି ଫିଲ୍ମ ହଲରେ ରିଲିଜ ହୋଇଛି । ଜର୍ଜକୁଟ୍ଟି ଏବଂ ତାଙ୍କ ପରିବାରର ସନସ୍ପେନ୍ସ ଭରା ଏହି କାହାଣୀ ବଡ଼ ପରଦାରେ ପୁଣି ଫେରିଛି । ନିର୍ଦ୍ଦେଶକ ଏବଂ ଲେଖକ ଜିତୁ ଯୋସେଫଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଦୃଶ୍ୟମ୍ ଏବଂ ଦୃଶ୍ୟମ୍ ୨ ପରେ ଆଗକୁ ଥିବା ଘଟଣା ଦର୍ଶକଙ୍କ ସାମ୍ନାକୁ ଆଣିଛନ୍ତି । ଏହି ବହୁପ୍ରତୀକ୍ଷିତ ସସପେନ୍ସ ଥ୍ରିଲରର ସିନେମାହଲରେ ରିଲିଜ୍ ହେବା ମାତ୍ରେ ଏହାକୁ ଦେଖିବାକୁ ଦର୍ଶକଙ୍କ ମନରେ ଉତ୍ସାହ ଦେଖାଦେଇଛି ।ସକାଳ ଶୋ ଏବଂ ଫାଷ୍ଟ ଡେ ଫାଷ୍ଟ ଶୋ ଶେଷ ହେବା ପରେ ସୋସିଆଲ ମିଡିଆର ଏକ୍ସ ପ୍ଲାଟଫର୍ମରେ ଦର୍ଶକଙ୍କ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । ଫିଲ୍ମ ଦେଖି ସାରିଥିବା ଦର୍ଶକମାନେ ଇଣ୍ଟରନେଟରେ ଆସି ସେମାନଙ୍କ ମତାମତ ଏବଂ ଅଭିଜ୍ଞତା ସେୟାର କରିଥିଲେ । ସବୁଥର ଭଳି ଏହି ଫିଲ୍ମଟି ଅନଲାଇନ୍ ପ୍ଲାଟଫର୍ମଗୁଡିକରେ ଚର୍ଚ୍ଚାର ବିଷୟ ପାଲଟିଛି । ଆଗକୁ ଫିଲ୍ମ ଶୋ ବଢିବା ସହିତ ଦର୍ଶକ ପ୍ରତିକ୍ରିୟା ମଧ ଅଧିକରୁ ଅଧିକ ମିଳିବ ।ଦୃଶ୍ୟମ ୩ର କହାଣୀ ଜର୍ଜକୁଟ୍ଟିଙ୍କ ଜୀବନର ସଂଘର୍ଷ, ଲୁଚି ରହିଥିବା ସତ, ଧୋକା ଏବଂ ଅତୀତରେ କରିଥିବାର କାମର ପରିଣାମ ଉପରେ ଆଧାରିତ । ଏହାରି ମଧ୍ୟରେ ୯ ମେରେ ରିଲିଜ ହୋଇଥିବା ଟ୍ରେଲର ସ୍ପଷ୍ଟ କରିଥିଲା ଯେ ଜର୍ଜକୁଟ୍ଟିଙ୍କ ଯାତ୍ରା ବହୁତ ବ୍ୟକ୍ତିଗତ ଏବଂ ବିପଦପୂର୍ଣ୍ଣ । ଫିଲ୍ମର ପ୍ରମୋସନ ସମୟରେ ପ୍ରକାଶିତ କିଛି ସିନ୍ ଦର୍ଶାଇ ଦେଇଥିଲା ଯେ, ଯାହା ଦର୍ଶକଙ୍କୁ ପରଦାରେ ବାନ୍ଧି ରଖିବ ।ସତୀଶ କୁରୁପଙ୍କ ଦ୍ୱାରା ସିନେମାଟୋଗ୍ରାଫି କରାଯାଇଛି ୟ ଏଡିଟିଂ ବିନାୟକଙ୍କ ଦ୍ୱାରା କରାଯାଇଛି । ଫିଲ୍ମରେ ଚମତ୍କାର ବ୍ୟାକଗ୍ରାଉଣ୍ଡ ସଙ୍ଗୀତକାର ଜନସନ୍ ଦେଇଥିଲେ । ଏହା ବ୍ୟତୀତ, ପ୍ରଶାନ୍ତ ମାଧବ ପ୍ରଯୋଜନା ଡିଜାଇନ୍ ପରିଚାଳନା କରିଥିଲେ ଏବଂ ସିନୋୟ ଜୋସେଫ ଶବ୍ଦ ଡିଜାଇନ୍ ପରିଚାଳନା କରିଥିଲେ । ଯାହା ଫିଲ୍ମର ସସପେନ୍ସକୁ ଆହୁରି ବୃଦ୍ଧି କରିଥିଲା ।

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଅଁଳା

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଅଁଳା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନାଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ପ୍ରତିଦିନ ଅଁଳା ଖାଇଲେ ସଂକ୍ରମଣର ଭୟ ନଥାଏ। ତେବେ ଆସନ୍ତୁ ଜାଣିବା, ଡାଏଟରେ ଅଁଳାକୁ କିପରି ସାମିଲ କରିପାରିବା।

♦ ବଜାରରେ ମିଳୁଥିବା ଅଁଳା କ୍ୟାଣ୍ଡି ଖାଇ ପାରିବେ। ଏହି କ୍ୟାଣ୍ଡିକୁ ଆପଣ ଚାହିଁଲେ ଘରେ ମଧ ତିଆରିକରି ପାରିବେ। ଏଥିପାଇଁ ପ୍ରଥମେ ଅଁଳାକୁ ସିଝାଇ ଚିନିରେ ପକାଇ ଖରାରେ ଶୁଖାଇ ଦିଅନ୍ତୁ। ଶୁଖିଯିବା ପରେ ଏୟାରଟାଇଟ ଡବାରେ କ୍ୟାଣ୍ଡିକୁ ଭର୍ତ୍ତି କରି ରଖନ୍ତୁ।

♦ ଅଁଳା ଚଟଣି ତିଆରି କରିବା ବହୁତ ସହଜ। ଏଥିପାଇଁ ଚିନି, ଭିନେଗାର ଓ ଗୁଜୁରାତିକୁ ମିଶାଇ ଅଁଳା ଚଟଣି ତିଆରି କରିପାରିବେ। ଆପଣ ଚାହିଁଲେ ଘରେ ଜିରା, ସୋରିଷତେଲ, ମେଥି ଓ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ଅଁଳା ଆଚାର ମଧ ପ୍ରସ୍ତୁତ କରିପାରିବେ।

♦ ସେହିପରି ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ପ୍ରତିଦିନ ଗୋଟିଏ ଗ୍ଲାସ ପାଣିରେ ଅଁଳା ରସ ଓ ମହୁ ମିଶାଇ ପିଅନ୍ତୁ। ଏହାଦ୍ୱାରା କେବଳ ରୋଗ ପ୍ରତିରାଧକ ଶକ୍ତି ବୃଦ୍ଧି ହୋଇନଥାଏ, ତ୍ୱଚା ମଧ ସୁସ୍ଥ ରହିଥାଏ।



# ପର୍ଯ୍ୟଟକଙ୍କୁ ଏବେ ବେଶି ପସନ୍ଦ ସମୁଦ୍ର

ବର୍ତ୍ତମାନ ସମସ୍ତେ ଚାହାନ୍ତି ନିଜ ବ୍ୟସ୍ତସୂଚୀରୁ ସମୟ ବାହାର କରି ଘର ବାହାରେ ଟିକେ ସମୟ ବିତାଇବା । କିନ୍ତୁ ଅନେକଙ୍କୁ ଜଣାନାହିଁ କି ସେମାନେ କେଉଁଠାକୁ ଯିବେ ବା ଯିବା ଉଚିତ । ଚଳିତ ବର୍ଷ ଖରା ସିଜିନର ଛୁଟିରେ ପରିବାର ସହ ବୁଲିବା ପାଇଁ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ଏବେ ଟପ ଫାଇଭ ପସନ୍ଦର ପର୍ଯ୍ୟଟନ ଭାବରେ ସାମନାକୁ ଆସିଛି । ଗୁଡ ହସ୍ପିଟାଲିଟି ଦେଉଥିବା କମ୍ପାନୀ ଓୟାର ଏକ ସର୍ଭେରେ ଏହି ଦାବି କରାଯାଇଛି । ଏହି ସର୍ଭିସ ଗ୍ରୀଷ୍ମକାଳୀନ ଅବକାଶ ସୁଚ୍ଛ ସୂଚକାଙ୍କ ପାରିବାରିକ ସଂସ୍କରଣ ୨୦୨୨ନାମରେ କରାଯାଇଛି । ଜୁନ ପ୍ରଥମ ଦୁଇ ସପ୍ତାହର ସର୍ବେକ୍ଷଣରେ ପାଖାପାଖି ୨୦୦୦ ଲୋକଙ୍କ ରାୟ ନିଆଯାଇଥିଲା । ଏଥିରେ ସବୁଠୁ ଅଧିକ ଲୋକେ କହିଥିଲେ କି ପିଲାମାନଙ୍କ ସହ ମନପସନ୍ଦର ବୁଲିବା ସ୍ଥାନ ହେଉଛି ଗୋଆ । ଏହି ସର୍ଭେରେ ୮୫ପ୍ରତିଶତ ଅଭିଭାବକମାନେ କହିଥିଲେ କି ସେମାନଙ୍କୁ କାମ କରିବାକୁ ଓ ପିଲାଙ୍କୁ ବ୍ୟସ୍ତ ରଖିବାକୁ ମୁସ୍କିଲ ହେଉଛି । ଯେଉଁଥି ପାଇଁ ସେମାନେ ପରିବାର ସହ ବୁଲିବା ପାଇଁ ଯୋଜନା ବନାଇଛନ୍ତି । ଏହି ସର୍ଭେ ହିସାବରେ ଭାରତରେ ୬୫ପ୍ରତିଶତରୁ ଅଧିକ ଅଭିଭାବକ ଏହି ଗରମରେ ନିଜ ପିଲାଙ୍କ ସହ ବୁଲିବାର ପ୍ଲାନ କରିଥାନ୍ତି ବା ଇଚ୍ଛା ରଖିଥାନ୍ତି । ଟପ ଫାଇଭ ପର୍ଯ୍ୟଟନସ୍ଥଳ ମଧ୍ୟରେ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ସାମିଲ ରହିଛି । ଗୋଆ ଦୃଷ୍ଟିକୋଣରୁ ଏହା ପ୍ରମାଣିତ ହେଉଛି କି ପାହାଡ଼ ଠାରୁ ବେଶି ସମୁଦ୍ରକୁ ଲୋକେ ପସନ୍ଦ କରୁଛନ୍ତି । ଓୟାର ସିନିୟର ଭାଇସ ପ୍ରେସିଡେଣ୍ଟ ଓ ମୁଖ୍ୟ ସେବା ଅଧିକାରୀଙ୍କ କହିବା ଅନୁସାରେ ଫ୍ୟାମିଲି ଟ୍ରିପ୍‌ରେ ଆସୁଥିବା ପର୍ଯ୍ୟଟକ ବେଶୀ ପାହାଡ ବା ହିଲ୍ ସ୍ଥାନକୁ ନଯାଇ ବିଶେଷ ଭାବେ ସମୁଦ୍ର ଥିବା ସ୍ଥାନ, ସ୍ୱିମିଙ୍ଗପୁଲ, ପିଲାଙ୍କ ଖେଳ ସ୍ଥାନ ଓ ରୁମରେ ବଡ଼ ଟେଲିଭିଜନକୁ ପସନ୍ଦ କରୁଛନ୍ତି । ବସ୍ତାପ୍ୟାକ ଏଡଭେଚରର ଫାଉଣ୍ଡର କହିଛନ୍ତି କି ଋଷିକେଶରେ ଭିଡ଼ ବହୁତ ବଢିବାରେ ଲାଗିଛି । ବିଶେଷ କରି ସହରରେ । ଏମିତିରେ ଲୋକେ ସହରରୁ କିଛି ଦୂର ମୋହନଚଟ୍ଟୀ ପଥରେ ଅଗ୍ରସର ହେଉଛନ୍ତି । ଯାହା ଫଳରେ ଭିଡରୁ କିଛିଟା ବଞ୍ଚିପାରିବେ ପର୍ଯ୍ୟଟକ । ଏଭଳି ସ୍ଥାନରେ କେମ୍ପିଙ୍ଗ, ରାଫ୍ଟିଙ୍ଗ ଭଳି ବିକଳ୍ପ ଉପଲବ୍ଧ ରହିଛି । ସେ ଆହୁରି କହିଛନ୍ତି ଯେ ପାହାଡ ମଧ୍ୟରେ ହୋମ ଷ୍ଟେକୁ ମଧ ବେଶୀ ପସନ୍ଦ କରାଯାଉଛି ।



# କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି



ଭାରତୀୟ ବିବାହରେ ହଳଦୀ, ମେହେନ୍ଦି, ସାତଫେରା ଏବଂ ବରଣମାଳା ଆଦି ରୀତିନୀତି ରହିଥାଏ। ସେଥିମଧ୍ୟରୁ ବରଣମାଳା ରୀତିନୀତିକୁ ସବୁଠାରୁ ମଜାଦାର ଏବଂ ହୃଦୟସ୍ପର୍ଶୀ ବୋଲି ବିବେଚନା କରାଯାଇଥାଏ। ଯେତେବେଳେ କନ୍ୟା ଏବଂ ବର ପରସ୍ପରର ବେକରେ ମାଳା ପିନ୍ଧାନ୍ତି। ସେହି ମୁହୂର୍ତ୍ତ ବିବାହର ଆରମ୍ଭକୁ ଚିହ୍ନିତ କରେ।

କିନ୍ତୁ କେବେ ଭାବିଛନ୍ତି କି କନ୍ୟା ସବୁବେଳେ କାହିଁକି ପ୍ରଥମେ ବରଣମାଳା ପିନ୍ଧାନ୍ତି ? ଏହା କେବଳ ଏକ ପରମ୍ପରା ନୁହେଁ, ବରଂ ଗଭୀର ଅର୍ଥ ତଥା ଅନେକ ଶୁଭ ସଙ୍କେତ ବହନ କରିଥାଏ। ଏହି ରୀତି କେବଳ ଏକ 'ଫଟୋ ମୁହୂର୍ତ୍ତ' ନୁହେଁ, ବରଂ ପ୍ରେମ, ସମ୍ମାନ ଏବଂ ଗ୍ରହଣର ଏକ ସୁନ୍ଦର ବାର୍ତ୍ତା ବହନ କରେ। କୁହାଯାଏ ଯେ, ଏହି ମୁହୂର୍ତ୍ତରେ, କନ୍ୟା ତାଙ୍କ ବରକୁ ସମ୍ପୂର୍ଣ୍ଣ ହୃଦୟର ସହିତ ଗ୍ରହଣ କରିଥାନ୍ତି।

ଏଥିରେ ବର ତାଙ୍କର ସମ୍ମତି ପ୍ରକାଶ କରିଥାନ୍ତି। ଶାସ୍ତ୍ରଙ୍କ ଅନୁସାରେ, ଏହି ରୀତି ସିଧାସଳଖ ଶିବ ଏବଂ ପାର୍ବତୀଙ୍କ ବିବାହ ସହିତ ଜଡିତ। ଯାହା ବୈବାହିକ ଜୀବନରେ ସୁଖ, ସମୃଦ୍ଧି ଏବଂ ପାରସ୍ପରିକ ବୁଝାମଣାକୁ ସୁଦୃଢ଼ କରିଥାଏ।

କନ୍ୟା ପ୍ରଥମେ କାହିଁକି ବରଣମାଳା ପିନ୍ଧାନ୍ତି ?

ବିବାହକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। କୁହାଯାଏ ଯେ, ଏହି ସମୟରେ ବର ଏବଂ କନ୍ୟାଙ୍କୁ ଭଗବାନ ଶିବ ଏବଂ ଦେବୀ ପାର୍ବତୀ ଭାବରେ ପୂଜା କରାଯାଏ। ବରଣମାଳା ରୀତି ମଧ ସମାନ ଭାବରେ ପବିତ୍ର। ଏହି ରୀତିରେ, କନ୍ୟା ପ୍ରଥମେ ମାଳା ପିନ୍ଧାଇଥାନ୍ତି। କାରଣ ବିବାହରେ ଜଣେ ମହିଳାଙ୍କ ସମ୍ମତି ସର୍ବୋପରି ଗୁରୁତ୍ୱପୂର୍ଣ୍ଣ।

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏପରି କରି ସେ କୁହନ୍ତି, 'ମୁଁ ତୁମକୁ ମୋର ଜୀବନସାଥୀ ଭାବରେ ଗ୍ରହଣ କରୁଛି।' ସେହିପରି ଯେତେବେଳେ ବର କନ୍ୟାଙ୍କୁ ବରଣମାଳା ପିନ୍ଧାନ୍ତି ଏହା ସୂଚିତ କରିଥାଏ ଯେ, 'ମୁଁ ମଧ ତୁମକୁ ସମ୍ପୂର୍ଣ୍ଣ ହୃଦୟ ସହିତ ଗ୍ରହଣ କରୁଛି।'

ଶାସ୍ତ୍ରଙ୍କ ଅନୁସାରେ, ବରଣମାଳାର ପ୍ରଥମ ପର୍ଯ୍ୟାୟରେ ମଙ୍ଗଳ ଏବଂ ଶୁକ୍ର ଗ୍ରହଙ୍କର ଶୁଭ ପ୍ରଭାବ ରହିଥାଏ। ଏହି କାରଣରୁ ବିବାହ ସମୟରେ ଏହି ରୀତି ପ୍ରଥମେ କରାଯାଇଥାଏ, ଯାହା ଦ୍ୱାରା ସମ୍ପର୍କ ପ୍ରେମ, ସୌଭାଗ୍ୟ ଏବଂ ଖୁସିରେ ପରିପୂର୍ଣ୍ଣ ହେବ।

ଯେତେବେଳେ କନ୍ୟା ପ୍ରଥମେ ବରଣମାଳା ପିନ୍ଧାନ୍ତି, ଏହା ସୂଚିତ କରେ ଯେ, ସେ ନିଜେ ସେମାନଙ୍କ ସମ୍ପର୍କରେ ପ୍ରେମ ଏବଂ ବୁଝାମଣା ଆରମ୍ଭ କରୁଛନ୍ତି। ଏହା ଦର୍ଶାଏ ଯେ, ଅହଂକାର ନୁହେଁ ବରଂ ପାରସ୍ପରିକ ସମ୍ମାନ ଏବଂ ଘନିଷ୍ଠତା ଯେକୌଣସି ସମ୍ପର୍କକୁ ମଜବୁତ କରେ ।

ଏହି ରୀତି ବୈବାହିକ ଜୀବନରେ ସକାରାତ୍ମକ ପ୍ରଭାବ ଆଣେ ଏବଂ ଉଭୟଙ୍କ ମଧ୍ୟରେ ଭାବପ୍ରବଣ ବନ୍ଧନକୁ ଆହୁରି ଗଭୀର କରେ। ଯେପରି ଭଗବାନ ଶିବ ଏବଂ ମାତା ପାର୍ବତୀ ପ୍ରେମ ଏବଂ ସମାନତା ସହିତ ସେମାନଙ୍କର ସମ୍ପର୍କ ବଜାୟ ରଖନ୍ତି, ସେହିପରି ଏହି ରୀତି ପ୍ରତ୍ୟେକ ଦମ୍ପତିଙ୍କୁ ସମାନ ଭାବନା ସହିତ ବଞ୍ଚିବାକୁ ଶିଖାଇଥାଏ।

'ହଁ' କହିବାର ଏକ ଉପାୟ

ଯେତେବେଳେ କନ୍ୟା ବରଙ୍କୁ ବରଣମାଳା ପିନ୍ଧାନ୍ତି, ଏହା କେବଳ 'ହଁ' କହିବାର ଏକ ଉପାୟ ନୁହେଁ, ବରଂ ଏକ ପ୍ରତିଶ୍ରୁତି ଯେ, ଆମେ ଏକାଠି ରହିବା, ବୁଦ୍ଧିମାନ ଭାବରେ କାର୍ଯ୍ୟ କରିବା ଏବଂ ସମ୍ପର୍କକୁ ପ୍ରାଥମିକତା ଦେବା। ଏହି ରୀତି ବାର୍ତ୍ତା ପ୍ରଦାନ କରେ ଯେ, ବିବାହରେ, କେହି ବଡ଼ କିମ୍ବା ଛୋଟ ନୁହଁନ୍ତି, କିନ୍ତୁ ଉଭୟ ସମାନ। ବରଣମାଳାର ପ୍ରତ୍ୟେକ ଫୁଲ ସମ୍ପର୍କର ପ୍ରତ୍ୟେକ ରଙ୍ଗକୁ ପ୍ରତିନିଧିତ୍ୱ କରିଥାନ୍ତି। ଏହା ଦ୍ୱାରା ଦାମ୍ପତ୍ୟ ଜୀବନରେ ବିଶ୍ୱାସ, ପ୍ରେମ, ସମ୍ମାନ ଏବଂ ସାହଚର୍ଯ୍ୟ ସୃଷ୍ଟି ହୋଇଥାଏ।

ଏହା ଦର୍ଶାଇବାର ଏକ ପ୍ରତୀକାତ୍ମକ ଉପାୟ ଯେ, ବର ଏବଂ କନ୍ୟା ଏବେ ଏକ ନୂତନ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି, ଯେଉଁଠାରେ ପ୍ରତ୍ୟେକ ନିଷ୍ପତ୍ତି ଏକାଠି ନିଆଯିବ ଏବଂ ପ୍ରତ୍ୟେକ ଅସୁବିଧାକୁ ଏକାଠି ସାମ୍ନା କରାଯିବ।

ପ୍ରାୟତଃ, ଲୋକମାନେ ବରଣମାଳା ସମାରୋହକୁ କେବଳ ଏକ 'ମଜାଦାର ମୁହୂର୍ତ୍ତ' ଭାବରେ ଭାବନ୍ତି, କିନ୍ତୁ ଏହା ଏକ ବିବାହର ଆଧ୍ୟାତ୍ମିକ ଆରମ୍ଭ। ଏହି ମୁହୂର୍ତ୍ତ ସହିତ ଆସୁଥିବା ଶକ୍ତି ଏବଂ ଭାବନା ବୈବାହିକ ଜୀବନର ଗତିପଥ ନିର୍ଣ୍ଣୟ କରିଥାଏ।

# ଗୃହସ୍ଥ ଧର୍ମର ମହତ୍ତ୍ୱ

ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା । ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ । ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା । ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି । ଏଣୁ ସନ୍ନ୍ୟାସ ନେଇଯିବା



ତାଙ୍କ ପକ୍ଷେ ଉଚିତ୍ ହେବ । ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ । ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ । ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ । ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ ଆମେ ଧର୍ମ ଅର୍ଜନ କରିପାରିବା । ଏହାପରେ ନକୁଳ ଏବଂ ସହଦେବ ମଧ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ । ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା । ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ । ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ । ସେ ମଧ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ । ଏହାପରେ ଯୁଧିଷ୍ଠିର ରାଜିହେଲେ । ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା । ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି । ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ । ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ । ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା । ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ । ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ ।

# ତୃଣମୂଳସ୍ତରରେ ପହଞ୍ଚିବ ରାଜସ୍ୱ ସେବା

**ଭୁବନେଶ୍ୱର, ୨୧।୫ (ମହାଭାରତ):** ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଗତ ଦୁଇ ବର୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା ଏବଂ ଉପଲବ୍ଧି ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରି ପ୍ରତିଟି ଲୋକ ପାଖେ ରାଜସ୍ୱ ସେବା ପହଂଚାଇବା ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



ବୈଠକରେ ମନ୍ତ୍ରୀ କହିଛନ୍ତି ଯେ, 'ଯାହା ଆମେ ଉପଲବ୍ଧି କରୁଛେ, ତାହା ଆମ ସଫଳତା ନୁହେଁ ; ବରଂ ଯେଉଁ ଯୋଜନା ଅଥବା ପଦକ୍ଷେପକୁ ସାଧାରଣ ଲୋକେ ସଫଳ ବୋଲି ବିବେଚନା କରୁଛନ୍ତି; ତାହା ହିଁ ଆମ ଉପଲବ୍ଧିଷ' ଏହି ପରିପ୍ରେକ୍ଷୀରେ ଆଗାମୀ ଦିନର ବିଭିନ୍ନ ନୂତନ ପଦକ୍ଷେପ ଏବଂ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି ।

ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାମାନଙ୍କର ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦିଆଯିବା ସହ ଆଗାମୀ ଦିନରେ ସେମାନେ ଉକ୍ତ ଜିଲ୍ଲାମାନଙ୍କର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିଦର୍ଶନ ସମୟରେ ବରିଷ୍ଠ ଅଧିକାରୀ ଜିଲ୍ଲାମାନଙ୍କରେ ରାତ୍ରରହଣି ସହ ସରକାରଙ୍କ ରାଜସ୍ୱ ସେବା ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ନେଇ ସେମାନଙ୍କୁ ବିଭାଗର ପ୍ରମୁଖ ଉପାଦେୟ ସେବା ସମ୍ପର୍କରେ ସଚେତନ କରାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ତହସିଲକୁ ତୃଣମୂଳସ୍ତରରେ ପହଞ୍ଚାଇବା ନିମନ୍ତେ ନୂତନ ପଦକ୍ଷେପସ୍ୱରୁପ ଖୁବ୍ ଶୀଘ୍ର 'ଆମ ଗାଆଁରେ ଆମ ତହସିଲ୍' କାର୍ଯ୍ୟକ୍ରମ ହାତକୁ ନିଆଯିବ । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଗ୍ରାମ ଅଥବା ପଂଚାୟତସ୍ତରରେ ତହସିଲ୍ କ୍ୟାମ୍ପ୍ କୋର୍ଟ୍ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ବିଭିନ୍ନ କାମ ପାଇଁ ଲୋକମାନଙ୍କୁ ତହସିଲ୍ କାର୍ଯ୍ୟାଳୟ ଆସିବାକୁ ପଡୁଥିବା ବେଳେ ଏଣିକି କ୍ୟାମ୍ପ୍ କୋର୍ଟ ମାଧ୍ୟମରେ ଗାଆଁ-ଗାଆଁରେ ତହସିଲ୍ କାର୍ଯ୍ୟାଳୟର ଅଧିକାରୀମାନେ ଲୋକମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବା ସହ ପ୍ରଜା ଖାନା ସଂଶୋଧନ, ଡିମାର୍କେସନ୍ ଆଦି ବିଭିନ୍ନ ରାଜସ୍ୱ ସେବା ଯୋଗାଇଦେବେ । ଏଥିସହିତ କ୍ୟାମ୍ପ କୋର୍ଟ ମାଧ୍ୟମରେ ରାଜସ୍ୱ ସେବା ସମ୍ପର୍କିତ ଲୋକମାନଙ୍କ ଅଭିଯୋଗ ଶୁଣାଣି କରାଯାଇ ତ୍ୱରିତ ସେବା ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସହରାଂଚଳ ଚାଷ ଜମି କିସମ ପରିବର୍ତ୍ତନ ନିୟମକୁ ସରଳୀକରଣ କରାଯିବା ନେଇ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଗତ ଦୁଇ ବର୍ଷରେ ଓଡ଼ିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସେସ୍ ଆଇନ୍ ଆଧାରରେ ୨.୫ କୋଟିରୁ ଉର୍ଦ୍ଧ୍ୱ ରାଜସ୍ୱ ସେବା ଯୋଗାଇ ଦିଆଯାଇଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ବୈଠକରେ ଆଲୋଚନା କରାଯାଇଛି । ଖୁବ୍ ଶୀଘ୍ର ବିସ୍ଥାପିତ ଲୋକମାନଙ୍କ ପାଇଁ ନୂତନ ପୁନର୍ବାସ ଓ ଥଇଥାନ ଆଇନର ରୂପରେଖ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତି ହୋଇଛି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. କମଳ ଲୋଚନ ମିଶ୍ର ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମସ୍ତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ଦରବୃଦ୍ଧି ବିରୁଦ୍ଧରେ ସିପିଆଇର ବିକ୍ଷୋଭ

**ଭୁବନେଶ୍ୱର, ୨୧।୫ (ମହାଭାରତ):** ଭାରତୀୟ କ୍ଷେତମଜଦୂର ୟୁନିୟନ୍ ଓ ସିପିଆଇ ଭୁବନେଶ୍ୱର ଜୋନାଲ୍ କମିଟି ପକ୍ଷରୁ ଡିଜେଲ୍, ପେଟ୍ରୋଲ୍, ରନ୍ଧନଗ୍ୟାସ୍ ଓ ବସ୍ ଭଡା ବୃଦ୍ଧି ବିରୁଦ୍ଧରେ ଭୁବନେଶ୍ୱରଠାରେ ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ରାଜମହଲ ଛକଠାରେ ଏକ ବିକ୍ଷୋଭ ଓ ରାସ୍ତାରୋକ ଅନୁଷ୍ଠିତ ହୋଇଯାଇଛି ।

ଆଜି ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ଭଗବତୀ ଭବନଠାରୁ ଶତାଧିକ ବିକେଏମ୍ୟୁ ଓ ସିପିଆଇ କର୍ମୀ ବିଭିନ୍ନ ସ୍ଲୋଗାନ ସହ ହାତରେ ପ୍ଲାକାର୍ଡ ଓ ଖାଲି ଗ୍ୟାସ ସିଲିଣ୍ଡର ଧରି, ଟ୍ରଲି ଉପରେ ଗାଡ଼ି ଲଦି ଏକ ଅଭିନବ ଉପାୟରେ ପ୍ରତିବାଦ କରିବା ସହ ରାଜମହଲ ଛକଠାରେ ପହଂଚି ବିକ୍ଷୋଭ ଓ ରାସ୍ତାରୋକ କରିଥିଲେ । ସିପିଆଇ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଏନ୍ ନାରାୟଣ ରେଡ୍ଡୀ ଓ ବିକେଏମ୍ୟୁ ରାଜ୍ୟ ସମ୍ପାଦକ କମ୍ରେଡ୍ ସୁର ଜେନା, ଉପସ୍ଥିତ ବିକ୍ଷୋଭକାରୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ୫ଟି ରାଜ୍ୟ ନିର୍ବାଚନ ପୂର୍ବରୁ ସରକାର ଦେଶରେ ଡିଜେଲ୍, ପେଟ୍ରୋଲ୍, ସିଏନ୍‌ଜି, ଖାଇବା ତେଲ ମହଜୁଦ ଅଛି ମିଥ୍ୟା ପ୍ରତିଶ୍ରୁତି ଦେଇ ଦେଶବାସୀ ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି କହି, ନିର୍ବାଚନର ମାତ୍ର କେଇଦିନ ପରେ ପ୍ରଧାନମନ୍ତ୍ରୀ ସୁନା କିଣ ନାହିଁ, ବିଦେଶ ଭ୍ରମଣ କରନାହିଁ, ଡିଜେଲ୍-ପେଟ୍ରୋଲ୍ କମ୍ ଖର୍ଚ୍ଚ କର' କହି ହଠାତ୍ ଡିଜେଲ୍ ପେଟ୍ରୋଲ୍ ଦରଦାମ ବୃଦ୍ଧି କରି ଦେଶ ଓ ଜନସାଧାରଣଙ୍କୁ ଆତଙ୍କ ଭିତରକୁ ଠେଲି ଦେଇଛନ୍ତି । ଏହାର ଜବାବ ଦେବା ପାଇଁ ଜନସାଧାରଣଙ୍କୁ ଏକାଠି ହେବା ସହ ସରକାର ତୁରନ୍ତ ସମସ୍ତ ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ଏକ ଶ୍ୱେତପତ୍ର ପ୍ରକାଶ ସହ ଦେଶରେ ଗଚ୍ଛିତ ଥିବା ଡିଜେଲ୍ ଓ ପେଟ୍ରେଲ୍ର ସଠିକ୍ ହିସାବ ଦିଅନ୍ତୁ ବୋଲି ଶ୍ରୀ ରେଡ୍ଡୀ ଓ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ ।

ଏହି ରାସ୍ତାରୋକ ଓ ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜୋନ୍ ସମ୍ପାଦକ କୈଳାସ ପୁହାଣ, ବିକେଏମ୍ୟୁ ନେତା ଶଙ୍କର ବାରିକ, ଶଙ୍କର ବେହେରା, ଶିବ ବେହେରା, ପଂଚାନନ ସାହୁ, ଅଶୋକ ବାରିକ, ଡାକ ହେମ୍ବ୍ରମ, ରାଧାକାନ୍ତ ଶତପଥୀ, ଅଭୟ ବାରିକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ନୂଆଦିଲ୍ଲୀରେ ସୋଆକୁ ସିଏସ୍ଆର୍ ସମ୍ମାନ

**ଭୁବନେଶ୍ୱର, ୨୧।୫ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ସିଏସ୍ଆର୍ ସମ୍ମାନ ପ୍ରଦାନ କରାଯାଇଛି । ନୂଆଦିଲ୍ଲୀଠାରେ ଆୟୋଜିତ ସିଏସ୍ଆର୍ ସମ୍ମାନ ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ 'ସିଏସ୍ଆର୍ ଏମିନେଂଟ ଫାଉଣ୍ଡିଙ୍ଗ୍ ଡାଇରେକ୍ଟର ଅଫ୍ ଲିଡିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟକୁ 'ସିଏସ୍ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି । ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି - ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ 'ସିଏସ୍ଆର୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଫର ଏକ୍ସିଲେନ୍ସ ଇନ୍ କ୍ୟାରିୟର ଡେଭଲପମେଂଟ' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ସିଏସ୍ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି । ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ହୋଟେଲ ମ୍ୟାନେଜମେଂଟ ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସଏଚ୍ଏମ୍)କୁ ସିଏସଆର ଟପ୍ ହୋଟେଲ ମ୍ୟାନେଜମେଂଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି ।




ନୂଆଦିଲ୍ଲୀର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଅଫିସର-ଅନ୍-ସ୍ପେଶାଲ ଡ୍ୟୁଟି ଶ୍ରୀ ପ୍ରୀତମ ନାୟକ ସିଏସ୍ଆର୍‌ର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତି ବନ୍ଦନା ବଧୱାରଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ । ଏହି ଅବସରରେ ସିଏସ୍ଆର୍ ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ ଏସ୍.କେ. ସଚଦେବ ଉପସ୍ଥିତ ଥିଲେ ।

# ସହରାଞ୍ଚଳ ଶାସନ ବ୍ୟବସ୍ଥା ଉପରେ ଆଇଏଏସ୍ ପ୍ରୋବେସନରଙ୍କୁ ଦିଗଦର୍ଶନ

**ଭୁବନେଶ୍ୱର, ୨୧।୫ (ମହାଭାରତ):** ଓଡ଼ିଶାର କ୍ରମବିକଶିତ ସହରାଂଚଳ ଶାସନ ଗଠନତନ୍ତ୍ର ଏବଂ ନାଗରିକ-କେନ୍ଦ୍ରିକ ଆଭିମୁଖ୍ୟ ବିଷୟରେ ବିସ୍ତୃତ ଧାରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଓଡ଼ିଶା କ୍ୟାଡରର ୨୦୨୫ ବ୍ୟାଚ୍‌ର ୬ ଜଣ ଆଇଏଏସ୍ ପ୍ରୋବେସନରଙ୍କ ପାଇଁ ଏକ ଓରିଏଂଟେସନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ପୌରପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ କାର୍ଯ୍ୟକଳାପ, ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏବଂ ଆନୁଷ୍ଠାନିକ ବ୍ୟବସ୍ଥା ବିଷୟରେ ଉପସ୍ଥାପନା କରିଥିଲେ । ଏହି ଆଲୋଚନା ସମୟରେ 'ଟିମ୍ ଅର୍ବାନ୍' ପକ୍ଷରୁ ପ୍ରୋବେସନରମାନଙ୍କୁ ସହରାଂଚଳର ପ୍ରମୁଖ ଯୋଜନା ଯଥା ସୁଲଭ ମୂଲ୍ୟରେ ବାସଗୃହ, ଜଳ ଯୋଗାଣ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସହରାଂଚଳ ଭିତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଶାସନ ପ୍ରଣାଳୀ ବିଷୟରେ ଅବଗତ କରାଯାଇଥିଲା । ସମନ୍ୱିତ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନୀତିଗତ ନିଷ୍ପତିଗୁଡ଼ିକୁ କିଭଳି ପ୍ରଭାବଶାଳୀ ଜନସେବାରେ ରୂପାନ୍ତରିତ କରାଯାଉଛି, ସେ ସମ୍ପର୍କରେ ଅଧିକାରୀମାନେ ବୁଝାଇଥିଲେ । ଦ୍ରୁତ ସହରୀକରଣର ଆହ୍ୱାନଗୁଡ଼ିକୁ ସମ୍ଭାଳିବା ପାଇଁ ସହାନୁଭୂତିପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ହିତାଧିକାରୀ-କେନ୍ଦ୍ରିକ ଶାସନର ଆବଶ୍ୟକତା ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା । ଉନ୍ନତ ସହରାଞ୍ଚଳ ସେବା ପ୍ରଦାନ ପାଇଁ ନୂତନତ୍ୱ, ତଥ୍ୟ-ଆଧାରିତ ଯୋଜନା ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟର ବ୍ୟବହାର କରିବା ସହ ତୃଣମୂଳ ସ୍ତରର ବାସ୍ତବତା ସହିତ ଜଡ଼ିତ ରହିବାକୁ ଯୁବ ଅଧିକାରୀମାନଙ୍କୁ ଉତ୍ସାହିତ କରାଯାଇଥିଲା । ଆଲୋଚନାଚକ୍ର ପରେ, ପ୍ରୋବେସନରମାନଙ୍କୁ ଆହାର କେନ୍ଦ୍ର, ବିଏସ୍ଏବିଟି ପରିସରକୁ ନିଆଯାଇଥିଲା । ସେଠାରେ ସେମାନେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ସହରାଂଚଳ ସେବା ପ୍ରଦାନ ପ୍ରଣାଳୀ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ଶାସନ ବ୍ୟବସ୍ଥାର ବାସ୍ତବିକ କାର୍ଯ୍ୟଧାରାକୁ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ ।



# ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ନିନ୍ଦନୀୟ

**ଭୁବନେଶ୍ୱର, ୨୧।୫ (ମହାଭାରତ):** ଗତ ୧୬ ତାରିଖରେ ପୁଣିଥରେ ଜଣେ ସରକାରୀ ଅଧିକାରୀ ବିଜେପି ନେତା ଅରିନ୍ଦମ ରାୟଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହୋଇଛନ୍ତି । ବିଜେପି କ୍ଷମତାକୁ ଆସିବା ପରେ ଦଳର ନେତା ଓ କର୍ମୀ ବାରମ୍ବାର ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଓ ଘଟଣାରେ ସରକାର ଚୁପ୍ ରହିବାକୁ ନେଇ କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଓ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ବିଜେପି ସରକାରରେ ସରକାରୀ ଅଧିକାରୀମାନେ ବାରମ୍ବାର ଦୁର୍ବ୍ୟବହାରର ଶିକାର ହେବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ । ବିଜେପି ସରକାରକୁ ଆସିଲା ପରେ ରାଜ୍ୟରେ ରାଜ୍ୟରେ ହିଂସା, ନାରୀ ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି । ସରକାରଙ୍କ ଛତ୍ରଛାୟା ତଳେ ରହି ହିଂସା ଘଟାଇବାକୁ ପଛାଉ ନାହାନ୍ତି ବିଜେପି ନେତା ଓ କର୍ମୀ । ଏପରି ଘଟଣାରେ ସରକାର ଚୁପ୍ ରହିବା ଦୁର୍ଭାଗ୍ୟଜନକ ।

ଇପ୍ସୀତା ସାହୁ କହିଥିଲେ ଯେ, ବିଜେପି ନେତା ଅରିନ୍ଦମ ରାୟ ଦୁଇ ଦିନ ତଳେ କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଯେଉଁଭଳି ଭାବେ ଜଣେ ଏବିଡିଓଙ୍କୁ ଦୁର୍ବ୍ୟବହାର କଲେ ତାହା ଅତ୍ୟନ୍ତ ଦୁଃଖଦାୟକ । ଅରିନ୍ଦମ କେବଳ ଅଭଦ୍ରାମୀ କରିନାହାନ୍ତି, ଔଦ୍ଧତ୍ୟର ସବୁ ସୀମା ଟପିଯାଇଛନ୍ତି । ସରକାରୀ ଅଧିକାରୀଙ୍କୁ ସେ ଦୁର୍ବ୍ୟବହାର କରିବା ସମୟରେ ଆଠଗଡ଼ର ଜଣେ ବିଜେପି ନେତା ମଧ ସେଠି ଉପସ୍ଥିତ ଥିଲେ । ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ପୋଲିସ୍ ପ୍ରଶାସନ, ପୋଲିସ୍ ମହାନିର୍ଦ୍ଦେଶକ



ଓ ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ରହୁଛନ୍ତି ? ଅରିନ୍ଦମ ରାୟ ଯେଉଁ ହିସାବରେ ବ୍ୟବହାର କରୁଥିଲେ ତାହା ଗ୍ରହଣ ଯୋଗ୍ୟ ନୁହେଁ । ଅରିନ୍ଦମ ରାୟ ଆଉ ଗୋଟେ ଭିଡ଼ ହିଂସା କରିବାର ପ୍ରଚେଷ୍ଟାରେ ନଥିଲେ ତ ? ପୂର୍ବରୁ ଭୁବନେଶ୍ୱରରେ ଜଣେ ସରକାରୀ ଅଧିକାରୀଙ୍କୁ ମାଡ଼ ମାରିବା ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ବନ୍ଧା ହୋଇ ଜେଲ ଯାଇଥିଲେ । ତେବେ ଅରିନ୍ଦମ ରାୟ କାହିଁକି ଜେଲ ଯିବେନି ବୋଲି ଇପ୍ସୀତା ସାହୁ ପ୍ରଶ୍ନ କରିଥିଲେ ।

ଡ଼ ଲେନିନ ମହାନ୍ତି କହିଥିଲେ ଯେ, କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅରିନ୍ଦମ ରାୟ ଏବିଡିଓଙ୍କୁ ଦୁର୍ବ୍ୟବହାର କରିବା ଓ ଜଣେ ମହିଳା ଜିପିଓଙ୍କ ସହ ଯେଉଁଭଳି ଭାବେ ବଚସା କଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ବିଜେପି ସର୍ବଦା ନାରୀ ବନ୍ଦନାର କଥା କହୁଥିବା ବେଳେ ନାରୀ ଦହନ କରିବା ନିନ୍ଦନୀୟ । ବିଜେପି ସରକାରକୁ ଆସିଲା ପରେ ଓଡ଼ିଶାରେ ବର୍ବରତାର ସବୁ ସୀମା ଟପିଯାଇଛି । ଆଶ୍ଚର୍ଯ୍ୟର କଥା ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ବିଜେପି କର୍ମକର୍ତ୍ତାଙ୍କ ଏଭଳି ଅଭଦ୍ରାମୀ ଦେଖୁଛନ୍ତି ନା ନାହିଁ ? ବିଜେପିର ସତ୍ସାହାସ ନାହିଁ ଅରିନ୍ଦମଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ । ଓଡ଼ିଶାରେ ବାରମ୍ବାର ହିଂସା ଘଟୁଥିବାରୁ ସାଧାରଣ ଜନତା ଭୟଭୀତ ହୋଇପଡ଼ିଛନ୍ତି । ବିଜେପି ନେତାମାନେ ବାରମ୍ବାର ସରକାରୀ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ବିଜେଡି ଆଶା କରୁଛି ନୀତିନ ନବୀନ ମଧ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିବା ପାଇଁ ବିଜେପି ନେତାମାନେ ଯେଉଁ ଉଦ୍ୟମ କରୁଛନ୍ତି, ତାହା ଆଗକୁ ସଫଳ ହେବାକୁ ଦେବ ନାହିଁ ବିଜୁ ଜନତା ଦଳ ।

# ଅକ୍ଷୟ ଶକ୍ତିର ବ୍ୟବହାର ଯୋଗାଣକୁ ସୁନିଶ୍ଚିତ କରିବ ସୌର ୱାଟର କିଓସ୍କ

**ଭୁବନେଶ୍ୱର, ୨୧।୫ (ମହାଭାରତ):** ଭୁବନେଶ୍ୱରରେ ସୋମବାର ଆହୁରି ଦୁଇଟି ସୌର ଚାଳିତ ୱାଟର କିଓସ୍କ ଉଦଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ୱାର୍କ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଶ୍ରୀଧର ବେହେରା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଶ୍ରୀ ଏନ୍. ଗଣେଶ ବାବୁ, ସ୍ଥାନୀୟ କର୍ପୋରେଟର ପୁଷ୍ପାଞ୍ଜଳୀ ସେଠୀ, ୪୦ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ଆସିଆ ବେଗମ୍, ୩୬ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ଅଲିଅଲି ମଲ୍ଲିକଙ୍କ ସହ ଟିମ୍ ବିଏମ୍ ସି ଉପସ୍ଥିତ ଥିଲେ । ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମିକୁ



ପ୍ରୋତ୍ସାହନ ଦେବା ଏବଂ ଗ୍ରୀଷ୍ମ ଋତୁରେ ନିରାପଦ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ କରିବା ଦିଗରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆଜି ୩୪ ନମ୍ବର ୱାର୍ଡ ଅନ୍ତର୍ଗତ ସ୍ମାର୍ଟ ବଜାର ସମ୍ମୁଖରେ ଏବଂ ୩୬ ନମ୍ବର ୱାର୍ଡ ଅନ୍ତର୍ଗତ ୟୁନିଟ୍-୪ ମାର୍କେଟ ନିକଟରେ ଦୁଇଟି ସୋଲାର ୱାଟର କିଓସ୍କ ଉଦଘାଟିତ ହୋଇଯାଇଛି ।

ଭୁବନେଶ୍ୱର ଗ୍ରୀନ୍ ସିଟି ମିଶନ ଅଧିନରେ ଭୁବନେଶ୍ୱର ମହାନଗର ନିଗମ ଓ ଓଡିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଦ୍ୱାରା ସୌର ଜଳ କିଓସ୍କ ପ୍ରତିଷ୍ଠା କରାଯାଇଛି । ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି, ସ୍ଥାୟୀ ସହରାଞ୍ଚଳ ସେବା ପାଇଁ ଅକ୍ଷୟ ଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ସ୍ୱଚ୍ଛ ଏବଂ ନିରାପଦ ପାନୀୟ ଜଳ ପାଇଁ ଜନସାଧାରଣଙ୍କ ଉପଯୋଗକୁ ବୃଦ୍ଧି କରିବା । ଏହି କିଓସ୍କଗୁଡିକର ଉଦଘାଟନ ସହିତ ବର୍ତ୍ତମାନ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ମୋଟ ୩୮ ଗୋଟି ସୌର ଜଳ କିଓସ୍କ ସ୍ଥାପନ କରାଯାଇଛି ।

# କୋକାକୋଲାଇଣ୍ଡିଆମାଜାର ୫୦ ବର୍ଷ ପୂର୍ତ୍ତି ପାଳନ

**ଭୁବନେଶ୍ୱର, ୨୧।୫ (ମହାଭାରତ):** କୋକା-କୋଲା ଇଣ୍ଡିଆ ମାଜାର ୫୦ ବର୍ଷ ପୂର୍ତ୍ତି ପାଳନ କରୁଛି, ଯାହା ନିଜର ଚିରା ଚରିତ ଆମ୍ବ ସ୍ୱାଦ ମାଧ୍ୟମରେ ଭାରତବାସୀଙ୍କ ସେବାକରି ଆସୁଛି । ୧୯୭୬ ମସିହାରେ ଏହାର ଶୁଭାରମ୍ଭ ପରଠାରୁ, ମାଜା ଭାରତର ଆମ୍ବ ପ୍ରତି ଥିବା ଦୁର୍ବଳତା ତଥା ଭଲ ପାଇବାସହିତ ଗଭୀର ଭାବେ ଜଡ଼ିତ ହୋଇ ରହିଛିଏବଂ ଏକ ମହାନ୍‌ସ୍ୱାଦ, ପିଲାଦିନର ସ୍ମୃତି ଓ ସମ୍ପୂର୍ଣ୍ଣ ଭାରତୀୟ ଅନୁଭୂତିର ଏକ ଦୃଢ଼ ପରମ୍ପରା ଗଢ଼ି ତୋଳିଛି । ଦୀର୍ଘ ପାଂଚ୍ ଦଶନ୍ଧି ଧରି, ଖରାଦିନର ଅପରାହ୍ନ ଓ ପାରିବାରିକ ମେଳାଠାରୁ ଆରମ୍ଭ କରି ଛୋଟ ଛୋଟ ଦୈନନ୍ଦିନ ଉତ୍ସବ ପର୍ଯ୍ୟନ୍ତ, ମାଜା ପିଢ଼ି ପିଢ଼ି ଧରି ନିଜର ଏକ ପରିଚିତ ଉପସ୍ଥିତି ବଜାୟ ରଖିଛି । ସମୟ ସହିତଏହିବ୍ରାଣ୍ଡକେବଳ ଏକ ମୃଦୁପାନୀୟ ହୋଇ ରହିନାହିଁ, ବରଂ ଘରୋଇ ଆମ୍ବର ଏକ ଆରାମ ଦାୟକ ତଥା ସ୍ମରଣୀୟ ସ୍ୱାଦର ପ୍ରତୀକ ପାଲଟି ଯାଇଛି । ମାଜା ଯେତେବେଳେ ଏହି ମାଇଲଖୁଂଟ ବର୍ଷକୁ ପାଳନ କରୁଛି, ଏହି ଉତ୍ସବ କେବଳ ବ୍ରାଣ୍ଡର ନିଜସ୍ୱ ଯାତ୍ରା ପଥ ମଧ୍ୟରେ ସୀମିତ ନାହିଁ । ଏହି ୫୦ ବର୍ଷର ସଫଳତା ହେଉଛି ସେହି ସମଗ୍ର ବ୍ୟବସ୍ଥା ପ୍ରତି ଏକ ଶ୍ରଦ୍ଧାଞ୍ଜଳି, ଯାହା ବର୍ଷବର୍ଷ ଧରିମାଜାକୁ ଏହିରୂପ ଦେଇଛି – ଭାରତୀୟ ଚାଷ ଜମିରୁମିଳୁଥିବା ଆମ୍ବଠାରୁ ଆରମ୍ଭ କରି, ଏହାକୁ ନିଜଜୀବନର ଅଂଶକରିଥିବାଗ୍ରାହକଏବଂ ପ୍ରତିଟିଡ୍ରୋକ ପଛରେ ଥିବା ଅନେକ ପରିଶ୍ରମିହାତ ପର୍ଯ୍ୟନ୍ତ । ସୁନୈନିକାସିଂ, କୋକା-କୋଲାଇଣ୍ଡିଆ ଆଣ୍ଡସାଉଥୱେଷ୍ଟଏସିଆ, ବରିଷ୍ଠ ନିର୍ଦ୍ଦେଶିକା, ମାର୍କେଟିଙ୍ଗ – ନ୍ୟୁଟ୍ରିସନ, ମତବ୍ୟକ୍ତକରିକହିଛନ୍ତି, "ମାଜା ଅର୍ଦ୍ଧଶତାବ୍ଦୀ ଧରି ଭାରତୀୟ ମାନଙ୍କ ଜୀବନ, ଘରର ସେଲଫ ଏବଂସ୍ମୃତିରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହାଖରାଦିନ ଛୁଟିଏବଂ ପାରିବାରିକମେଳା, ରବିବାର ମଧ୍ୟାହ୍ନଭୋଜନ ପରର ମିଠା ଏବଂ ପାର୍ବଣର ଆୟୋଜନରେ ସାମିଲ ରହିଛି – ସେଭଳି କିଛି ମୁହୂର୍ତ୍ତରେ, ଯାହା ଫଟୋଉଠାଇବା ପାଇଁହୁଏତଖୁବ୍‌ଛୋଟ, କିନ୍ତୁଭୁଲି ନ ଯିବାଭଳି ଅତିସୁନ୍ଦର । ମାଜାକୁ ଯାହା ଅସାଧାରଣ କରିଥାଏ, ତାହା ହେଉଛି ଏହା ପ୍ରତିଟି ଦଶନ୍ଧିରେ ସମ୍ପୂର୍ଣ୍ଣଭାବେ ନିଜର ଅସଲ ରୂପ ବଜାୟରଖିଛି ।

# ରାଜମହଲ ଛକରେ ବିଏମ୍‌ସିର ଥ୍ରୀଆର୍ କେନ୍ଦ୍ର ଉଦଘାଟିତ

**ଭୁବନେଶ୍ୱର, ୨୧।୫ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ପକ୍ଷରୁ ଆଜି ରାଜମହଲଛକରେ ଖୋଲିଲା ଆଉ ଏକ ଥ୍ରୀ ଆର୍ ସେଣ୍ଟର ବା ରିଡ୍ୟୁସ୍, ରିସାଇକେଲ ଆଣ୍ଡ ରିୟୁଜ୍ କେନ୍ଦ୍ର । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ଶ୍ରୀମତୀ ସୁଲୋଚନା ଦାସ, ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ୱାର୍କ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଶ୍ରୀଧର ବେହେରା, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତଏନ୍. ଗଣେଶ ବାବୁ, ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ଆସିଆ ବେଗମ୍, ଟିମ୍ ବିଏମ୍ ସି ପ୍ରମୁଖ ଉପସ୍ଥିତ ଥିଲେ । ଏହି ନୂତନ କେନ୍ଦ୍ରକୁ ମିଶାଇ ଭୁବନେଶ୍ୱରରେ ସମୁଦାୟ ୬ ଗୋଟି ଥ୍ରୀ ଆର୍ କେନ୍ଦ୍ର ଖୋଲାଯାଇଛି । ପ୍ରତି ଜୋନରେ ୨ ଲେଖାଏଁ ଥ୍ରୀ ଆର୍ କେନ୍ଦ୍ର ରହିଛି । ଇଷ୍ଟ ଜୋନରେ ଫିଡ୍ ବ୍ୟାକ୍ ଦୁଇଟି କେନ୍ଦ୍ରକୁ ପରିଚାଳନା କରୁଥିବା ବେଳେ ୱେଷ୍ଟ ଜୋନରେ ବିକାଶ ଏବଂ ନର୍ଥ ଜୋନରେ ବେସିକ୍ସ ଏହି କେନ୍ଦ୍ରଗୁଡିକୁ



ପରିଚାଳନା କରୁଛନ୍ତି । ଏହି କେନ୍ଦ୍ରଗୁଡିକୁ ଜିନିଷ ପରିବହନ କରିବା ପାଇଁ ପ୍ରତି ଜୋନକୁ ଗୋଟିଏ ଲେଖାଏଁ ଗାଡି ବିଏମ୍ ସି ଯୋଗାଇ ଦେଇଛି । ଏହି କେନ୍ଦ୍ରରେ ପୁନଃ ଉପଯୋଗୀ ଜିନିଷ ଯଥା-ଖେଳନା, ଲୁଗାପଟା ଓ ପ୍ୟାଣ୍ଟ ସାର୍ଟ, ବହି, ଚପଲ, ଫର୍ଣ୍ଣିଚର, ଟିଭି, ଫ୍ୟାନ୍, ଷ୍ଟେନଲେସ୍ ଷ୍ଟିଲ୍ ବାସନକୁସନ ସହ ଘରେ ଯାହା ପୁନଃ ବ୍ୟବହାର ହୋଇପାରିବ ସେ ସବୁ ଜିନିଷ ଏହି ସବୁ କେନ୍ଦ୍ରରେ ସଂଗ୍ରହ କରାଯାଉଛି । "ଥିଲେ ଦିଅ, ନଥିଲେ ନିଅ", ନାରା ଦେଇଥିବା ବିଏମ୍ ସିର ଏହି ଥ୍ରୀ ଆର୍ କେନ୍ଦ୍ରରେ ଲୋକମାନେ ସ୍ୱତଃପ୍ରବୃତଭାବେ ସେମାନଙ୍କର ବ୍ୟବହାର ହେଉନଥିବା ଜିନିଷ ଆଣି ଦେଉଛନ୍ତି । ଫଳରେ ସେହି ସବୁ ଜିନିଷର ବିଭିନ୍ନ ପଦ୍ଧତିରେ ପୁନଃ ଚକ୍ରଣ କରି, ସେଗୁଡିକୁ ପୁନଃ ବ୍ୟବହାର ଉପଯୋଗୀ କରାଯାଉଛି । ଯେଉଁମାନଙ୍କର ନାହିଁ, ସେମାନଙ୍କୁ ପ୍ରଦାନ କରାଯାଉଛି । ଯେଉଁମାନଙ୍କର ପୁନଃ ଉପଯୋଗୀ ଜିନିଷ ବ୍ୟବହୃତ ହେଉନାହିଁ, ସେଗୁଡିକୁ ଏହି ଥ୍ରୀ ଆର୍ କେନ୍ଦ୍ରରେ ଦେବା ପାଇଁ ବିଏମ୍ ସି ପକ୍ଷରୁ ଅନୁରୋଧ କରାଯାଇଛି ।

# ଗରିବଙ୍କ ଲାଗି ସଂରକ୍ଷଣ

କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଉଚ୍ଚ ଜାତିର ପିଲାଙ୍କ ପାଇଁ ଉଭୟ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ନିକଟରେ ସୁପ୍ରିମକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏଥିଲାଗି ସମ୍ବିଧାନର ୧୦୩ତମ ସଂଶୋଧନକୁ ୫ଜଣିଆ ଖଣ୍ଡପୀଠ ବୈଧ ଘୋଷଣା କରିଛନ୍ତି। ଏହା ଫଳରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବ୍ୟକ୍ତିଙ୍କୁ ସଂରକ୍ଷଣ ସୁବିଧା ମିଳିବାରେ ଆଉ କିଛି ଅସୁବିଧା ନାହିଁ। ସମ୍ବିଧାନର ୧୦୩ତମ ସଂଶୋଧନକୁ ବିରୋଧ କରିଥିବା ଜଷ୍ଟିସ ୟୁ ୟୁ ଲଳିତ କହିଥିଲେ ଯେ, କେବଳ ଉଚ୍ଚବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଦ୍ୱାରା ଏସଟି/ଏସସି ଏବଂ ଓବିସି ବର୍ଗ ପ୍ରତି ଅନ୍ୟାୟ ହେଉଛି। କେବଳ ଅସଂରକ୍ଷିତ ବର୍ଗ ନୁହେଁ, ସଂରକ୍ଷିତ ବର୍ଗରେ ଯେଉଁମାନେ ଗରିବ ସେମାନଙ୍କୁ ମଧ୍ୟ ଏହି ସବିଧା ପ୍ରଦାନ କରାଯାଉ। ନଚେତ ସଂରକ୍ଷଣ ବ୍ୟବସ୍ଥାର ମୌଳିକ ଉଦ୍ଦେଶ୍ୟ ବିଫଳ ହେବ। ତା ଛଡ଼ା ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ରହୁ। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଜାୟ ରଖିବା ଅନୁଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ବି ସଂରକ୍ଷଣ ବ୍ୟବସ୍ଥା କାଏମ ରହିବା ଏବଂ ଏହା ଅଧିକରୁ ଅଧିକ ସମ୍ପ୍ରସାରିତ ହେବା ଅନୁଚିତ। ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଚାରଯୋଗ୍ୟ। କିନ୍ତୁ ସଂରକ୍ଷିତ ବର୍ଗର ଗରିବଙ୍କୁ ଏହି ୧୦%ରେ ସାମିଲ କରାଯିବା ଏକ ଭୁଲ ଚିନ୍ତାଧାରା। ସେମାନେ ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଉଛନ୍ତି। ଯେଉଁମାନେ ଏହାର ଫାଇଦା ଉଠାଇ ପାରୁନାହାଁନ୍ତି, ସେମାନଙ୍କୁ ପୁଣି ଗରିବ ବୋଲି କହି ଅଧିକ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅସାମ୍ବିଧାନିକ ହେବ। ସଂରକ୍ଷଣ ବ୍ୟବସ୍ତା ଏକ ସଭ୍ୟ ସମାଜର ପରିଚାୟକ ନୁହେଁ। ସାମାଜିକ ନ୍ୟାୟ ପରିବର୍ତ୍ତେ ଏହା ଏକ ପ୍ରକାର ଆଇନଗତ ଦୁର୍ନୀତି ବୋଲି କହିଲେ ଭୁଲ ହେବ ନାହିଁ। ପାଠ ପଢ଼ିବାକୁ ସମସ୍ତଙ୍କୁ ସମାନ ସବିଧା ମିଳୁ। ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହୁ। ଯିଏ ଯୋଗ୍ୟ ସେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବ। ଜଣେ ଉଚ୍ଚ ବର୍ଗର ଛାତ୍ର ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଯାହା ପାଉନାହିଁ, ତାହା ୫୦ ପ୍ରତିଶତ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ଛାତ୍ରଟିଏ ପାଇ ପାରୁଛି। ଏହା ଏକ ସାମାଜିକ କଳଙ୍କ। ଏହାକୁ ସାମାଜିକ ନ୍ୟାୟ କହିବା ସତ୍ୟର ଅପଳାପ କହିଲେ ଭୁଲ ହେବ ନାହିଁ। ଧର୍ମକୁ ଆଖିଠାର ଭଳି ଏହାକୁ ନ୍ୟାୟ ନାମରେ ଅନ୍ୟାୟ ବୋଲି କୁହାଯାଇପାରେ। ଏହା ହିଁ ଭାରତରେ ଘରୋଇକରଣର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଯେଉଁମାନେ ସଂରକ୍ଷଣ ସୁବିଧାରୁ ବଂଚିତ ହୋଇ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି ବା ସରକାରୀ ଚାକିରୀ ଖଣ୍ଡେ ପାଇପାରୁନାହାଁନ୍ତି ସେମାନେ ଘରୋଇ କରଣକୁ ସ୍ୱାଗତ କରୁଛନ୍ତି। ସେମାନେ ଘରୋଇ ସ୍କୁଲରେ ପାଠ ପଢୁଛନ୍ତି, ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରିବାର ସୁଯୋଗ ପାଉଛନ୍ତି। ଯଦି ଭାରତରେ ଆର୍ଥିକ ଉଦାରିକରଣ ହୋଇନଥାନ୍ତା ବା ବଡ଼ ବଡ଼ କମ୍ପାନୀ ଭାରତରେ ସେମାନଙ୍କ କାରବାର ବା କାର୍ଯ୍ୟାଳୟ ପ୍ରତିଷ୍ଠା କରିନଥାନ୍ତେ ତେବେ ଆଜି ଅସଂରକ୍ଷିତ ବର୍ଗ ଆହୁରି ଅବହେଳିତ ହୋଇ ରହିଥାନ୍ତେ। ଆଜି କେନ୍ଦ୍ର ସରକାର ଅସଂରକ୍ଷିତ ବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରି ସେମାନଙ୍କ ପାଇଁ କିଛିଟା ଆଶାର ସଞ୍ଚାର କରିଛନ୍ତି ସତ, ମାତ୍ର ଏହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା। କାରଣ ବାସ୍ତବରେ ଗରିବ କିଏ ଏବଂ ସେମାନଙ୍କୁ କିଏ ଚିହ୍ନଟ କରିବ, କେଉଁ ମାନଦଣ୍ଡରେ ସେମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ବୋଲି କୁହାଯିବେ ତାହା ଏକ ଅସମାହିତ ପ୍ରଶ୍ନ। ଏଥିନେଇ ଦୀର୍ଘ ଦିନ ହେବ ବିବାଦ ଚାଲିଛି। କିନ୍ତୁ ଏହାର ସମାଧାନ ହୋଇ ପାରିନାହିଁ। ଏହି ପ୍ରଶ୍ନର ସମାଧାନ ଯେ ପର୍ଯ୍ୟନ୍ତ ନହୋଇଛି ସେ ପର୍ଯ୍ୟନ୍ତ ଉଚ୍ଚବର୍ଗର ଗରିବଙ୍କ ଲାଗି ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସଫଳ ହୋଇପାରିବ ନାହିଁ।

“

*ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି।*

# ଆମେରିକାର ପ୍ରକଳ୍ପ

॥ ସୌମେନ୍ଦ୍ର ଜେନା ॥

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବର୍ଷର ଶେଷ ଭାଗକୁ ହେବାର ରହିଛି, ଯାହାର ଫଳାଫଳ ପ୍ରକାଶ ପାଇବା ପରେ ଜାନୁଆରୀ ୨୦୨୫ରେ ନୂତନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ। ସବୁଥର ପରି ଏଥର ମଧ୍ୟ ଡେମୋକ୍ରାଟ ଓ ରିପବ୍ଲିକାନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ନିର୍ବାଚନ ଲଢ଼େଇ ହେଉଛି। ଡେମୋକ୍ରାଟରୁ ଜୋ ବାଇଡେନ ଏବଂ ରିପବ୍ଲିକାନ୍‌ରୁ ଡୋନାଲ୍ଡ଼ ଟ୍ରମ୍ପ ଦୌଡରେ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଚାରିବର୍ଷରେ ଥରେ ହେଉଥିଲେ ମଧ୍ୟ ଦୁଇବର୍ଷ ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଦୁଇ ଦଳର ପ୍ରାର୍ଥୀମାନେ ସମ୍ମୁଖରେ ରହିଥିବା ସ୍ଥଳେ ସେମାନଙ୍କ ସମର୍ଥନପାଇଁ ପଛରେ ଅନେକ ସଂଗଠନ, ବ୍ୟାବସାୟିକ ଅନୁଷ୍ଠାନ, ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ରହିଥାନ୍ତି। ସେହି କ୍ରମରେ ଡୋନାଲ୍ଡ଼ ଟ୍ରମ୍ପଙ୍କ ସମର୍ଥକମାନେ ମଧ୍ୟ ୨୦୨୦ ପରଠାରୁ ତାଙ୍କ ଭବିଷ୍ୟତର ଯୋଜନାକୁ ରୂପରେଖ ଦେବାରେ ଲାଗିଛନ୍ତି। ଆମେରିକାର ସରକାର କ’ଣ କରିବା ଦରକାର ସେ ବିଷୟକୁ ନେଇ ହେରିଟେଜ୍ ଫାଉଣ୍ଡେସନ୍ ୧୯୮୧ ରୁ ‘ମାଣ୍ଡେଟ ଫର୍ ଲିଡରସିପ୍’ ଶୀର୍ଷକରେ ଯେଉଁ ଦଲିଲକୁ ପ୍ରକାଶ କରିଆସିଛି। ଅନୁଷ୍ଠାନ ପକ୍ଷରୁ ତାକୁ ‘ପଲିସୀ ବାଇବେଲ’ ବୋଲି ଆଖ୍ୟା ଦେଇଥାଏ। ନୀତିନିର୍ଦ୍ଧାରଣର ଏହା ସରକାରଙ୍କ ପାଇଁ ମାର୍ଗଦର୍ଶିକା ବୋଲି ହେରିଟେବୋ ଫାଉଣ୍ଡେସନ କହିଥାଏ। ଅନୁଷ୍ଠାନର ଅଧକ୍ଷ କେଭିନ ରବର୍ଟସ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ୨୧ ଏପ୍ରିଲ ୨୦୨୩ରେ ‘ପ୍ରକଳ୍ପ-୨୦୨୫’ ଶୀର୍ଷକରେ ଏକ ତଥ୍ୟ ଆଧାରଭୂତ ବିଚାର ଶୃଙ୍ଖଳା ଆରମ୍ଭ କରିଥିଲେ।

ପୂର୍ବରୁ ୨୦୨୦ରେ ଡୋନାଲଡ଼ ଟ୍ରମ୍ପଙ୍କ ଶାସନ କାଳରେ ତାଙ୍କ ନିର୍ଦ୍ଦେଶକୁ ଅଧିକାରୀ ଗ୍ରହଣ କରିବାକୁ ମନାକରିବା, ଜର୍ଜ ଫ୍ଲଏଡ୍ ବିକ୍ଷୋଭ ବେଳେ ଲୁଟତରାକାରୀଙ୍କ ଉପରକୁ ଗୁଳି ଚଳାଇବା ପରି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ଆଦି ଘଟଣାରେ ଆମେରିକାର ରାଷ୍ଟ୍ରପତି ନୀତି ଦୃଷ୍ଟିରୁ ଦୁର୍ବଳଥିବା ଲକ୍ଷ୍ୟକରି ସେବେଠାରୁ ହେରିଟେଜ୍ ଫାଉଣ୍ଡେସନ ଟ୍ରମ୍ପଙ୍କ ପାଇଁ ଏକ ଶାସନ ବ୍ୟବସ୍ଥାର ନୀତି ପୁସ୍ତିକା ପ୍ରକାଶ ପାଇଁ କାର୍ଯ୍ୟ କରିବାକୁ ସ୍ଥିରକରି ପରେ ଯେଉଁ ପଦକ୍ଷେପ ନେଲା ତହିଁରୁ ନଅଶହରୁ ଅଧିକ ପୃଷ୍ଠା ବିଶିଷ୍ଟ ‘ପ୍ରକଳ୍ପ-୨୦୨୫’ ରୂପ ନେଲା, ଯାହା କି ପରେ ପ୍ରକାଶ ପାଇଛି। ଏଥିରେ ଟ୍ରମ୍ପଙ୍କ ସରକାର ସହ ଥିବା ଅନେକ ବ୍ୟକ୍ତିବିଶେଷ ସେମାନଙ୍କ ବିଚାର ବ୍ୟକ୍ତ କରିଛନ୍ତି। କେତେକ ବିଶ୍ୱ ବିଦ୍ୟାଳୟର ପ୍ରାଧାପକ ନିଜେ ଏହି ପ୍ରକଳ୍ପରେ ସାମିଲ ହୋଇ ୨୦୨୫ରେ ଶାସନକୁ ଆସିଲେ ଟ୍ରମ୍ପ କ’ଣ ପଦକ୍ଷେପ ଗ୍ରହଣ କରିବା ଦରକାର ତାହା ଏଥିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପର ନିର୍ଦ୍ଦେଶକ ପଲ୍ ଡାନ୍ସ ରହିଛନ୍ତି। ୱାସିଂଟନ ଡିସିସ୍ଥିତ କନ୍‌ଜରଭେଟିଭ୍ ବୌଦ୍ଧିକ ଗୋଷ୍ଠୀର ସଂସ୍ଥା ହେଉଛି ହେରିଟେଜ୍ ଫାଉଣ୍ଡେସନ୍, ଯାହା ଅତୀତରେ ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରିଛି ଆମେରିକାର ସଫଳ ନେତୃତ୍ୱ ପାଇଁ।

ପ୍ରକଳ୍ପ-୨୦୨୫ ପୁସ୍ତକର ସଂପାଦକ ପଲ ଡାନ୍ସ ଏବଂ ଷ୍ଟିଭେନ ଗ୍ରୋଭସ ରହିଥିଲା ବେଳେ ମୁଖବନ୍ଧ ଲେଖିଛନ୍ତି କେଭିନା ରବର୍ଟସ। ୯୨୨ ପୃଷ୍ଠାର ଏହି ନୀତି ନିର୍ଦ୍ଧାରଣ ସଂକ୍ରାନ୍ତୀୟ ପୁସ୍ତକଟି ସରକାର ପରିଚାଳନା, ସାଧାରଣ ପ୍ରତିରକ୍ଷା, ଜନସାଧାରଣଙ୍କ କଲ୍ୟାଣ, ଅର୍ଥନୀତି, ସ୍ୱାଧୀନଭାବେ କାର୍ଯ୍ୟରତ ଏଜେନ୍ସୀ ଆଦି ବିଷୟକୁ କେନ୍ଦ୍ରକରି ମୋଟ ୩୦ଟି ଲେଖା ଏଥିରେ ରହିଛି ଯାହା, ଭିନ୍ନ ଭିନ୍ନ ଲୋକେ ଲେଖିଛନ୍ତି। ୫୦ରୁ ଅଧିକ ଅନୁଷ୍ଠାନର ଏଥିରେ ସଂପୃକ୍ତି ରହିଥିବା କଥା କୁହାଯାଇଛି। ଏଥିରେ ରସେଲ ଭଘଟ ଲେଖିଛନ୍ତି ଯେ ‘ଖ୍ରୀଷ୍ଟିଆନ ଜାତୀୟତାବାଦ’କୁ ଆଧାର କରି ଆମେରିକା ଆଗେଇବା ଆବଶ୍ୟକ। ୱିଲିୟମ୍ ୱଲଫଂଙ୍କ ପରି ଖ୍ରୀଷ୍ଟିଆନ ଜାତୀୟତାବାଦୀଙ୍କ ମତରେ ଦେଶରେ ବାଇବେଲ ଆଧାରିତ ଶାସନ ବ୍ୟବସ୍ଥାର ପ୍ରଚଳନ ଆବଶ୍ୟକ, ବିଚାରପତିମାନେ ମଧ୍ୟ ବାଇବେଲ ଆଧାରରେ ନ୍ୟାୟ ପ୍ରଦାନ କରିବା ଉଚିତ। ଏଥିରେ ଜଳବାୟୁ ପରିବର୍ତ୍ତନ ପାଇଁ ଗଠିତ ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)କୁ ସଂକୁଚିତ କରିବାକୁ କୁହାଯାଇଛି। ଗ୍ରୀନ ହାଉସ ଗ୍ୟାସ ଦ୍ୱାରା ପ୍ରଦୂଷଣ ବଢ଼ିବାକୁ କେନ୍ଦ୍ରକରି ଆମେରିକା ଯେପରି କାର୍ଯ୍ୟକରୁଛି ସେଥିରୁ କ୍ଷାନ୍ତରହିବା ଆବଶ୍ୟକ ବୋଲି କୁହାଯାଇଛି। ସହଯୋଗୀ ରାଷ୍ଟ୍ରମାନଙ୍କୁ କୋଇଲା ବ୍ୟବହାର କରିବାକୁ ପ୍ରୋତ୍ସାହନ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଜଳବାୟୁ ପରିବର୍ତ୍ତନକୁ କେନ୍ଦ୍ରକରି ବିଶ୍ୱରେ ଅଧିକ ରାଜନୀତି ହେଉଛି ଏବଂ ଅଧିକ କ୍ଷୟକ୍ଷତି ହେବାର ଭୟ ଦେଖାଇ ଦିଆଯାଉଛି ବୋଲି ଏହି ପ୍ରକଳ୍ପର ଲେଖକ ମାଣ୍ଡି ଗୁଣଶେଖର କହିଛନ୍ତି। ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)ର ପୂର୍ବତନ ମୁଖ୍ୟ ଭାବେ କାର୍ଯ୍ୟକରିଥିବା ଗୁଣଶେଖରଙ୍କ ପରାମର୍ଶକ୍ରମେ ଆମେରିକା ୨୦୧୭ରେ ପ୍ୟାରିସ ଆଲୋଚନାରୁ ବାହାରି ଆସିଥିଲା।

ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି। ମୂଳଲାଭ ଉପରେ ୧୫ ପ୍ରତିଶତ ଟିକସ୍ ଲଗାଇବାକୁ ଉଲ୍ଲେଖ କରାଯାଇଛି। କିନ୍ତୁ ବାଇଡେନ ପ୍ରଶାସନ ଏହି ଟିକସକୁ ୪୫ ପ୍ରତିଶତ କରିବାକୁ କହିଛନ୍ତି। ବାଣିଜ୍ୟ ବିଭାଗରେ ଥିବା ଆର୍ଥିକ ବିକାଶ ପ୍ରଶାସନକୁ ହଟାଇ ଦେବାକୁ ପରାମର୍ଶ ଦିଆଯାଇଛି। ଟ୍ରମ୍ପଙ୍କ ପ୍ରଶାସନ ତୁଳନାରେ ବାଇଡେନ ପ୍ରଶାସନ ଅଧିକରୁ ଅଧିକ ତୈଳଖନନ ଓ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରି ଗ୍ରାମାଞ୍ଚଳର କ୍ଷତି କରିଛି। ତେଣୁ ଆଗାମୀ ଦିନରେ ବେସାମରିକ ଆଣବିକ ଶିଳ୍ପ ଉପରେ ଜୋର ଦେଲେ ଶକ୍ତି ସଂକ୍ରାନ୍ତୀୟ ସଂକଟ ଦୂରହେବ ବୋଲି କୁହାଯାଇଛି।

ପ୍ରକଳ୍ପ ୨୦୨୫ରେ ବୈଦେଶିକ ବାଣିଜ୍ୟ ସଂକ୍ରାନ୍ତରେ କୁହାଯାଇଛି ଯେ ଆମେରିକା ୟୁରୋପୀୟ ସଂଘ, ଚୀନ ଓ ଭାରତରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଟିକସ ଲାଗୁ କରିବା ଦରକାର, ଯାହା ଫଳରେ ବୈଦେଶିକ ବାଣିଜ୍ୟରେ ସନ୍ତୁଳନ ଆସିବ। ଗୋଲ୍ଡମ୍ୟାନ ସାଚ୍‌ର ଆକଳନ ଅନୁସାରେ ଆମେରିକା ଟ୍ରମ୍ପଙ୍କ ସୁରକ୍ଷାତ୍ମକ ନୀତି ଗ୍ରହଣ କରିପାରିଲେ ଅଧିକ ଅର୍ଥ ସଞ୍ଚୟ ହେବା ସହ ଟିକସ ହାରକୁ ହ୍ରାସ କରାଯାଇପାରେ, ଯାହା ଟ୍ରମ୍ପଙ୍କ ସମର୍ଥକମାନେ ଆଶା କରୁଛନ୍ତି। ଅନ୍ୟ ପକ୍ଷରେ କେଣ୍ଟ ଲାସମ୍ୟାନଙ୍କ ଯୁକ୍ତିହେଲା ଯେ ସରକାର ବିଦେଶରୁ ହେଉଥିବା ଆମଦାନୀ ଉପରେ ଶୁଳ୍କ କମ୍ ରଖି ଗ୍ରାହକମାନଙ୍କ ପାଇଁ ଶସ୍ତାରେ ବସ୍ତୁ ଉପଲବ୍ଧ କରାଇବା ଦରକାର। ସରକାର ଅଧିକରୁ ଅଧିକ ମୁକ୍ତ ବାଣିଜ୍ୟ ରାଜିନାମା କରିବା ଆବଶ୍ୟକ। ତେବେ ଚୀନଠାରୁ ଦୂରେଇଲେ ହିଁ ଶ୍ରମିକ ଗୋଷ୍ଠୀର କଲ୍ୟାଣ ହେବ। ଏଥିରେ ଉଭୟ ଟ୍ରମ୍ପ ଏବଂ ବାଇଡେନ ଏକମତ ବୋଲି ସେ ଲେଖିଛନ୍ତି।

ପ୍ରକଳ୍ପ ୨୦୨୫ରେ ବିଦ୍ୟାଳୟ ଶିକ୍ଷାକୁ ରାଜ୍ୟ ପ୍ରଶାସନକୁ ଦେବାସହ ଏଥିରେ ଫେଡେରାଲ ପ୍ରଶାସନ ଅଧିକ ମୁଣ୍ଡ ଖେଳାଇବା ଅନାବଶ୍ୟକ ବୋଲି କୁହାଯାଇଛି। ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନରତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ରଖିଥିବା ୧୮ ବିଲିୟନର ଅର୍ଥକୁ ସରକାର ବନ୍ଦ କରିଦେବା ଉଚିତ ହେବ ବୋଲି କୁହାଯାଇଛି। ଲୋକେ ବେସରକାରୀ ଏବଂ ଧାର୍ମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜର ପିଲାମାନଙ୍କୁ ପାଠ ପଢ଼ିବାକୁ ପଠାଉଥିବା ହେତୁ ସରକାର ବିଦ୍ୟାଳୟରେ ମାଗଣା ଭୋଜନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ବନ୍ଦ କରିବା ଦରକାର ବୋଲି ଉଲ୍ଲେଖ କରାଯାଇଛି। ପ୍ରକଳ୍ପ ୨୦୨୫ରେ ଛାତ୍ରଛାତ୍ରୀଙ୍କ ଋଣଛାଡ କାର୍ଯ୍ୟକ୍ରମକୁ କଠୋର ସମାଲୋଚନା କରାଯାଇଛି। ଲୋକଙ୍କ ଅର୍ଥରେ ହେଉଥିବା ଉଚ୍ଚତର ଗବେଷଣା ଦେଶର ସ୍ୱାର୍ଥରେ ହେବା ଦରକାର, ଅନ୍ୟମାନଙ୍କ ସ୍ୱାର୍ଥରେ ନୁହେଁ। ତେଣୁ ଜଳବାୟୁ ଗବେଷଣାକୁ ଅନୁଦାନ ହ୍ରାସ କରିବାକୁ ଏଥିରେ କୁହାଯାଇଛି। ଜାନୁଆରୀ ୨୦, ୨୦୨୫ ସୁଦ୍ଧା ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟରେ ଥିବା ନେତୃସ୍ଥାନୀୟ ସବୁ କର୍ମଚାରୀଙ୍କୁ ବାହାର କରିଦେବାକୁ ପ୍ରକଳ୍ପ ୨୦୨୫ରେ କୁହାଯାଇଛି। ଟ୍ରମ୍ପ ପ୍ରଶାସନରେ ବାମପନ୍ଥୀ କର୍ମଚାରୀଙ୍କ ସ୍ଥାନ ନଥିବା ବିଷୟ ଉଲ୍ଲେଖ କରାଯାଇଛି। କୌଣସି ଏକ ବିଦେଶୀ ରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରିପାଇଁ କଂଗ୍ରେସର ଅନୁମତି ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି। ରାଷ୍ଟ୍ରପତି ନିଜ କ୍ଷମତାକୁ ପ୍ରୟୋଗ କରି ଏହି ଅସ୍ତ୍ରଶସ୍ତ୍ର ତୁରନ୍ତ ବିକ୍ରି କରିବାକୁ ନିଷ୍ପତ୍ତି ନେଇପାରିବେ। ଏ କ୍ଷେତ୍ରରେ କଂଗ୍ରେସ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ। ପ୍ରକଳ୍ପ-୨୦୨୫ରେ କୁହାଯାଇଛି ଯେ ପ୍ରଶାସନରେ ଟ୍ରମ୍ପଙ୍କ ଅନୁଗାମୀଙ୍କୁ ସ୍ଥାନ ଦେବା ସହ ପୂର୍ବରୁ ରାଜନୈତିକ ନିଯୁକ୍ତି ପାଇଥିବା ବହୁସଂଖ୍ୟକ କର୍ମଚାରୀଙ୍କୁ ବଦଳାଯିବା ନିହାତି ଜରୁରୀ। ଏଥିପାଇଁ ‘ପ୍ରକଳ୍ପ-୨୦୨୫’ ଆଗାମୀ ଦିନପାଇଁ ୨୦,୦୦୦ନୂତନ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ପାଇଁ ପ୍ରୟାସ ଚଳାଇଛି, ଯାହା ୨୦୨୪ ଶେଷ ସୁଦ୍ଧା ହୋଇଯିବ। କିନ୍ତୁ ୨୦୨୪ ସୁଦ୍ଧା ବାଇଡେନ ପ୍ରଶାସନ ଦ୍ୱାରା ୪୦୦୦ ନିଯୁକ୍ତି ରାଜନୈତିକ ଦୃଷ୍ଟିକୋଣରୁ ହୋଇଥିବା କଥା କୁହାଯାଇଛି।

# ଜଳବାୟୁ ପରିବର୍ତ୍ତନର ପଞ୍ଝାରେ ଆଜିର କୃଷି

॥ କୃଷିକିଶୋର ଚନ୍ଦ୍ର ଜେନା ॥

ବର୍ତ୍ତମାନ ସମୟରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ଗମ୍ଭୀର ଏବଂ ବୈଶ୍ୱିକ ମୁଦାଭାବରେ ଉପସ୍ଥାପିତ ଏବଂ ସମସ୍ତଙ୍କ ଆଗରେ ବଡ଼ ଚିନ୍ତାର କାରଣ ଭାବରେ ସମସ୍ତଙ୍କୁ ବ୍ୟଥିତ ଏବଂ ଚିନ୍ତିତ କରୁଛି। ଏହି ଦୃଶ୍ୟମାନ ପରିବର୍ତ୍ତନ ନା କେବଳ ଭାରତ ଆଗରେ ଆର୍ବିଭୂତା ବଂର ପୁରା ବିଶ୍ୱକୁ ତାର ପଞ୍ଝାରେ ମାଡ଼ି ବସିଛି। ବେଳ ଥାଉଁ ଥାଉଁ ଯଦି ଆମେ ସମସ୍ତେ ମିଳି ମିଶି ପୁରା ବିଶ୍ୱ ଏହା ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୁରା ବିଶ୍ୱରେ ପ୍ରଳୟ ଅବ୍ୟଶମ୍ଭାବୀ। ଏହାର ପ୍ରଭାବରେ ପୁରା ଦୁନିଆରେ ପ୍ରବଳ ବନ୍ୟା, ମରୁଡ଼ି, କୃଷି ସଂକଟ, ଖାଦ୍ୟ ସୁରକ୍ଷା, ବିଭିନ୍ନ ପ୍ରକାର ଭୟାନକ ରୋଗ ବୃଦ୍ଧି ଆଦି ବହୁତ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି।

ଗ୍ଲୋବାଲ କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ ୨୦୨୧ ସୂଚୀ ଅନୁସାରେ ଭାରତ ପୃଥିବୀରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦେଶମାନଙ୍କ ଭିତରେ ଦଶମ ସ୍ଥାନରେ ସ୍ଥାନିତ। ଏହି ଜଳବାୟୁ ପରିବର୍ତ୍ତନରେ କୃଷିକ୍ଷେତ୍ର ସବୁଠାରୁ ପ୍ରଭାବିତ। କୃଷିକ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଦିଗ ଗୁଡ଼ିକ ହେଲା :-

କୃଷିର ଉତ୍ପାଦନ ହ୍ରାସ : ଜଳବାୟୁ ପରିବର୍ତ୍ତନ ଉପରେ ଅ’ ସରକାରୀ ପେନାଲଟି (ଓଟଉଉ) ଦ୍ୱାରା ଆକଳିତ ସନ୍ଦର୍ଭ ଅନୁସାରେ କୃଷି ଉତ୍ପାଦନ ଲାଭ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ଭାରତରେ ୨୦୧୦-୨୦୩୯ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ ମୋଟା ମୋଟି ୪.୫% - ୯% ପ୍ରତିଶତ ଭିତରେ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ଅଛି। ୧% ଜଳବାୟୁ ବଢ଼ିଲେ ଏହା ଗହମ ଉତ୍ପାଦନ ଉପରେ ନକରାତ୍ମକ ପ୍ରଭାବ ପକାଏ ଏବଂ ଉତ୍ପାଦନ ୧୭% କମିବାର ଆସଙ୍କା ଥାଏ। ଯଦି ୨% ତାପମାନ ବୃଦ୍ଧି ଘଟେ, ତେବେ ଧାନ ଉତ୍ପାଦନ ୦.୭୫% ଟନ ପ୍ରତି ହେକ୍ଟେର କମ୍ ହେବାର ସମ୍ଭାବନା ଅଛି।

କୃଷି ଉତ୍ପାଦନ ଯୋଗ୍ୟ ପରିସ୍ଥିତିର ହ୍ରାସ : ଭାରତରେ ଜଳ ସ୍ରୋତର ହ୍ରାସ ଏବଂ କ୍ରମବର୍ଦ୍ଧିଷ୍ଣୁ ଜଳଭଣ୍ଡାରର ହ୍ରାସ ଯେପରି ଭାବରେ ହ୍ରାସ ପାଉଛି ସେ ପରିସ୍ଥିତିରେ ପରମ୍ପରାଗତ ଜଳସେଚିତ ଦିଗରୁ ନଜର ହଟାଇ ନୂତନ ଏବଂ ଆଧୁନିକ କମ ସମୟରେ ଉତ୍ପାଦନକ୍ଷମ ଫସଲ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବର୍ତ୍ତମାନ ଆମେ ଆମର ପୁରୁଣା କୃଷି ପଦ୍ଧତି ଏବଂ ଆମ ଜମିରେ ଅମଳକ୍ଷମ ଜନିତ ବିହନକୁ ହରାଇ ବସିଛୁ। ଆମେ ବର୍ତ୍ତମାନ ନୂତନ ବିହନ ଯାହା କମ୍ ସମୟ ମଧ୍ୟରେ ଅମଳକ୍ଷମ ହେବ ତା’ଉପରେ ନଜର ଦେବାକୁ ପଡ଼ିବ। ଏକ ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା, ପ୍ରଦ୍ୟୁଷଣ, କୃଷି ଜମିର କ୍ରମବର୍ଦ୍ଧିଷ୍ଣୁ କ୍ଷୟ ଏବଂ ଜମିର ଉର୍ବରତା ହ୍ରାସ, ଜମି ଶୁଖିଲା ହେବାର ଦୃତ ଅଭିବୃଦ୍ଧି, ପୃଥିବୀରେ ତିନ ଚୌଥାଇ ଭୂମି କ୍ଷେତ୍ରର ଗୁଣବତ୍ତା କମ୍ ହୋଇଯାଇଅଛି। ଦୃତ ଶିଳ୍ପାୟନ, ପୃଥିବୀରେ ତାପମାନ ବୃଦ୍ଧି ୦.୭ଡ଼ିଗ୍ରୀ ସେଲସିୟସ ବୃଦ୍ଧି ଘଟିଛି। ଏହାଫଳରେ କେତେକ ଫସଲ ଯାହା କମ୍ ତାପମାନରେ ଅଧିକ ଅମଳ ହୁଏ, ତାହା ଉପରେ ନକରାତ୍ମକ ପ୍ରଭାବ ପକାଇବ। ସେହି ଫସଲ ଗୁଡ଼ିକ ହେଲା ଗହମ, ସୋରିଷ ଏବଂ ଆଳୁ ଆଦି ଫସଲ। ଏହା ମଧ୍ୟ ମକା, ଯବର ଏବଂ ଧାନ ଆଦି ଫସଲମାନଙ୍କର ସଂରକ୍ଷଣ ଶକ୍ତିକୁ କମାଇବା ସହିତ ଦାନା ପତଳା ଏବଂ ଅଗାଡ଼ି କରେଇବାରେ ଲାଗିଛି।

ବର୍ଷାର ପରିବର୍ତ୍ତନ : ଭାରତରେ କୃଷକ ସାଧାରଣ କୃଷି ଉତ୍ପାଦନରେ ବର୍ଷା ଉପରେ ନିର୍ଭରଶୀଳ। ବର୍ଷାର ପରିବର୍ତ୍ତନ ଯୋଗୁଁ ଏବଂ ଅଦିନିଆ ବର୍ଷାରେ ଫସଲ ହାନି ଏବଂ ଅଧିକ ବର୍ଷରେ ବନ୍ୟା ଏବଂ କମ୍ ବର୍ଷ ଯୋଗୁଁ ଜମି ଶୁଖିଲା ପଡ଼ିବା ବା ମରୁଡ଼ି ଆଦି ପରିସ୍ଥିତି ପରିଲକ୍ଷିତ ହେଉଛି। ତେଣୁ କଥାରେ ଅଛି ’ଜଳ ବିହୁନେ ସୃଷ୍ଟି ନାଶ ଜଳ ଗହଳେ ସୃଷ୍ଟି ନାଶ’ ର ପରିସ୍ଥିତିର ସ୍ୱାଭାବିକ ଚିତ୍ର ପ୍ରାୟତଃ କ୍ରମାଗତ ଭାବରେ ପରିଲକ୍ଷିତ। ଏତଦ୍‌ବ୍ୟତିତ କମ୍ ବର୍ଷା ଯୋଗୁ ମଧ୍ୟ ଜମିରେ ଲବଣତା ହ୍ରାସ ପାଇବାରେ ଲାଗିଛି। ମଧ୍ୟ ଭାରତରେ ୨୦୫୦ବର୍ଷ ପର୍ଯ୍ୟ’ ଶୀତ ଏବଂ ବର୍ଷାରେ ୧୦ ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହେବ।

କାର୍ବନ ଡାଇଅକ୍ସାଇଡର ବୃଦ୍ଧି : ବିଭିନ୍ନ ଗାଡ଼ିରୁ ଏବଂ ଶିଳ୍ପାୟନରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ବିଶ୍ୱ ତାପମାନରେ ୬୦% ପ୍ରତିଶତ ଭାଗିଦାରୀ। ଏହାର କ୍ରମାଗତ ବୃଦ୍ଧି ଯୋଗୁଁ ତାପମାନ ମଧ୍ୟ ବୃଦ୍ଧି ଘଟୁଛି, ଯାହାଫଳରେ ଆମର ଗଛ, ଲତା, ଫସଲ ଉପରେ ଏହାର କୁ ପ୍ରଭାବ ଏବଂ ବିପରୀତ ପ୍ରଭାବ ପଡୁଛି। ଗତ ୩୦-୫୦ ବର୍ଷ ମଧ୍ୟରେ କାର୍ବନ ଡାଇଅକ୍ସାଇଡର ମାତ୍ରା ମୋଟା ମୋଟି ୪୫୦ ପି.ପି.ଏମ୍ (ପଏଣ୍ଟର ମିଲିୟନ) ପର୍ଯ୍ୟନ୍ତ ପହଞ୍ଚି ସାରିଛି। ଏହାର ବୃଦ୍ଧି ଯୋଗୁଁ, ଏହା କେତେକ ଫସଲ ତଥା ଗହମ ଏବଂ ଧାନ ଫସଲ ଉପରେ ବହୁତ ନକାରାତ୍ମକ ପ୍ରଭାବ ଏବଂ କମ୍ ଉତ୍ପାଦକ ପରିସ୍ଥିତି ସୃଷ୍ଟି କରିଛି। କାର୍ବନ ଡାଇକସାଇଡ୍ ବୃଦ୍ଧି-ତାପମାନ ବୃଦ୍ଧି। କୀଟ ଏବଂ ରୋଗର ବୃଦ୍ଧି : ଖାଦ୍ୟ ଏବଂ କୃଷି ସଂଗଠନ (ଋଇଙ) ର ଆକଳନ ଅନୁସାରେ, ୨୦୫୦ ପର୍ଯ୍ୟନ୍ତ ବିଶ୍ୱର ଜନସଂଖ୍ୟା ପାଖାପାଖି ୯ ଆରବ ବଢ଼ିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ, କୃଷି କ୍ଷେତ୍ରରେ ରୋଗ ଏବଂ ପୋକମାନଙ୍କର ଅଭିବୃଦ୍ଧି ଘଟିଛି। ଗରମ ଜଳବାୟୁ ଯୋଗୁଁ, କୀଟ ପତଙ୍ଗ ମାନଙ୍କର ପ୍ରଜନନ କ୍ଷମତା ବୃଦ୍ଧି ଘଟେ ଏବଂ ଏହାଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ଘଟେ, ଯାହାଫଳରେ ଏମାନେ କୃଷିକ୍ଷେତ୍ରକୁ ପ୍ରଭାବିତ କରନ୍ତି ଯଥା କୀଟନାଶକ ରସାୟନ ପ୍ରୟୋଗରେ କୃଷିଯାତ ଦ୍ରବ୍ୟ କମ୍ ଉତ୍ପାଦନ ହୁଏ। ଏହାଫଳରେ ଶୁଖିଲା ମୃତ୍ତିକାରେ, କେତେକ ଫସଲ ଯଥା ଦ୍ରବ୍ୟର ଅଧିକ ପରିମାଣରେ ହୁଏ କିନ୍ତୁ ଗାୟମୋଟ ଲାଭ ହିସାବରେ କ୍ଷତି ଅଧିକ ହୁଏ। ତେଣୁ ନିସନ୍ଦେହରେ ଆଜିର କୃଷି ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଜଳବାୟୁର ପରବର୍ତ୍ତନର ପଞ୍ଝାରେ ଆବଦ୍ଧ ଓ ଶ୍ୱାସରୁଦ୍ଧ। ତେଣୁ ଯଦି ଆମେ ଏହି ଦିଗଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୃଥିବୀରେ ଘୋର ସଂକଟକାଳ ଅବଶ୍ୟମ୍ଭାବୀ।

ପୂର୍ବତନ ବରିଷ୍ଠ ଅଧିକାରୀ (ବି.ଏସ୍.ଏନ୍.ଏଲ)
ଓ ଆଇନଜିବୀ

# ଅପମାନ

॥ ଅଜୟ କୁମାର ବେହେରା ॥

ସମ୍ମାନ-ଅପମାନ ଦୁଇଟି ଏକ ରେଖାର ଦୁଇପଟ। ଅପମାନ ଅସମ୍ମାନ କରାଏ, ଲୋକ ନିଜର ଅହମିକା ପ୍ରାବଲ୍ୟ ବେଳେ ଖରାଦିନ ଶୀତ ପରି ବୋଧ କରିଥାଏ କିନ୍ତୁ ସମୟ ଦର୍ପ ଚୂର୍ଣ୍ଣ କଲାବେଳେ କେବଳ ଘରକଣରେ କାନ୍ଦିବା ସାର ହୁଏ। ଅଯାଗା ଘା ପରି ଲୋକର ଅନୁଭବ ରହେ। ପ୍ରକୃତରେ ଅପମାନ ଅଯଗା ଘା।

ସୁଖେ ଦୁଃଖେ ସଦା ସ୍ଥିର ଧର୍ମରାଜ ଯୁଧିଷ୍ଠିର ଜୀବନରେ ରାଜବାଟୀ ଜନ୍ମ ହୋଇ ବି ଜଙ୍ଗଲରେ ଘୁରିବା ଦୀର୍ଘ ବର୍ଷର ଏକ କାମ ଥିଲା। ଏକ ବର୍ଷ ଅଜ୍ଞାତବାସ ଏହା ବି ନାମ ଗୋପନରେ ଅନ୍ୟ ରାଜବାଟୀରେ ସ୍ତ୍ରୀର ଚାକରାଣୀ ଦାସୀ ବୃତ୍ତିକୁ ସହ୍ୟ କରି ରହିଛନ୍ତି। ରାଜ କନ୍ୟାକୁ ବିବାହ ହୋଇ କୁମ୍ଭାର ଘରେ ଶାଳାରେ ମାଆ ସ୍ତ୍ରୀଙ୍କ ସହିତ ରାତ୍ରୀ ଯାପନ କରିଛନ୍ତି। ରାଜାନନ୍ଦ ଋତୁପର୍ଣ୍ଣ ରାଜାଙ୍କର ଘୋଡ଼ାଶାଳରେ ନଣ୍ଡି ପୋଛିଛନ୍ତି। ରାଜା ଶ୍ରୀବସ୍ତ ସର୍ବହରା ହୋଇ ଶେଷରେ କାଠୁରିଆ ହୋଇଛନ୍ତି, ଖାଇବାକୁ ପାଇନାହାଁନ୍ତି, ପୋଡ଼ା, ଚେଙ୍ଗ ଗଡ଼ିଆ ମାଛ ତାଙ୍କ ସ୍ତ୍ରୀଙ୍କ ହାତରୁ ପାଣିରେ ପହଁରି ପଳାଇଛି। ହରିଶ୍ଚନ୍ଦ୍ର ରାଜା ରାଜ୍ୟହରା ହୋଇ କାଳୁଆଡ଼ମ୍ବର ନୌକର ହୋଇ ଶ୍ମଶାନ ଜଗୁଆଳ ଚାକର ସାଜିଛନ୍ତି। ଅନେକ ଅପମାନ ବଡ଼ ବଡ଼ ରାଜାଙ୍କ ଜୀବନରେ ଭୋଗ ହେବା ଶାସ୍ତ୍ର ଦର୍ଶାଉଛି। ଏଇ ଶ୍ରୀକ୍ଷେତ୍ରର କାହାଣୀରେ ଅଛି ପୁରୁଷୋତ୍ତମ ଦେବ କାଞ୍ଚିରେ ଅପମାନିତ ହୋଇଛନ୍ତି। ହେଲେ ସେ ଭକ୍ତିର ଆଶ୍ରୟରେ ପ୍ରଭୁ ଭରସାରେ ପୁନଃ ଜିତିଛନ୍ତି। କାଞ୍ଚି କନ୍ୟାକୁ ପ୍ରଭୁଙ୍କ ରଥଯାତ୍ରାରେ ଛେରା ପହଁରା ବେଳେ ପତ୍ନୀ ରୂପେ ଲାଭ କରିଛନ୍ତି। ପ୍ରଭୁ ମାନ ଉଦ୍ଧାରଣ କରନ୍ତି। ଦ୍ରୌପଦୀଙ୍କ ମାନ ରକ୍ଷା କୁରୁ ସଭାରେ କରିବା ଶାସ୍ତ୍ର କହୁଛି। କେହି ଗର୍ବ ଅହଙ୍କାର କଲେ ସେ ଅହଙ୍କାରକୁ ପ୍ରଭୁ ଟାଳି ଦିଅନ୍ତି ତେବେ ସେ ଇଚ୍ଛାମୟ ପୁଣି ଇଚ୍ଛା କଲେ ପୁନଃ ପଦବୀରେ ସ୍ଥାପନ କରିପାରନ୍ତି। ଏପରି ଠାକୁରଙ୍କ ଦରବାରରେ ନିଜର ଭୁଲର ପ୍ରାୟଶ୍ଚିତ କରିବା ନିହାତି ଆବଶ୍ୟକ।

ଅନେକ ଦର୍ପ ଅହଙ୍କାର ଠାକୁରଙ୍କ ଅସହ୍ୟ ଜାଣି ବି ଲୋକେ ମାନବଙ୍କୁ ହେୟ ମନେ କରିବା ଭୁଲ। ଅନେକ ମାନବ ଶକ୍ତି ହିଁ ମାଧବଙ୍କ ଶକ୍ତି। ଯାହା ଏ ରାଜ୍ୟରେ ବହୁମାନବଙ୍କ ଦ୍ୱାରା ନିତ୍ୟ ଆରାଧନାରେ ଅଛନ୍ତି। ନାରୀଙ୍କର ଗର୍ବ ସମ୍ମାନ ତାଙ୍କର ସ୍ୱାମୀଙ୍କର ସାନ୍ନିଧ ପାଇଁ ହୋଇଥାଏ। ସ୍ୱାମୀହରା ସ୍ତ୍ରୀଲୋକ ବିଧବା, ଦରିଦ୍ର, ଅସହାୟ। ନାରୀର ଯୁଦ୍ଧରେ ବୀରଗତିରେ ସ୍ତ୍ରୀ ଗୌରବାନ୍ୱିତ ସମ୍ମାନିତ ମାତ୍ର କାଳେ ତାଙ୍କ ପ୍ରତି ଅନ୍ୟର ବଳ ତାକୁ ସତୀତ୍ୱରୁ ଟାଳି ଦେବ ଏ ପାଇଁ ସେମାନେ ସ୍ୱାମୀର ସହମରଣ ବା ସ୍ୱାମୀଙ୍କର ନିଧନ ଶୁଣୁ ଶୁଣୁ ଆପେ ଆପେ ଟଳି ପଡ଼ନ୍ତି ବି ଅଗ୍ନୀରେ ଝାସ ଦିଅନ୍ତି ବା ଜହରବ୍ରତ କରିଥାନ୍ତି। ଏଥିରୁ ମାନ ସମ୍ମାନ ପ୍ରକୃତରେ ବିଚାର ଦିଗ ଗୁଡ଼ିକ କଳ୍ପନାକୁ ଆସିଥାଏ। ଅୟସ କରଜ କରି ଘର କିଣିବା, କରଜ କରି ଗାଡ଼ି କିଣିବା, କରଜ କରି ଶେଷରେ ନଶୁଝିଲେ ଆସେ ଗୁରୁତର ଅପମାନର ବିଭିନ୍ନ ସ୍ରୋତ। ଦିନିକିଆ ସୌକରୁ କଣ ମିଳେ ଘେରାଉରେ ପଡ଼ିବା ବେଳେ ଚିନ୍ତନରେ ଆସେ। ମିଥ୍ୟାରେ କପଟରେ ଛଳନାରେ ଏକ ପଦବୀରେ ପ୍ରବେଶ କରିବା ପରେ ଧର ପକଡ଼ରେ ସାର୍ଟିଫିକେଟ ଯାଞ୍ଚରେ ଧରାପଡ଼ିଲେ ଅବସ୍ଥା ଘାୟଲ ସିଂହ ଚମଡ଼ାରେ ଗଡ଼ ଚଳିଲେ, ଶୃଗାଳ ନୀଳରଙ୍ଗରେ ରଙ୍ଗାଇ ହୋଇଗଲେ ଯେ ଗଧ ଗଧ ନୁହେଁ ବା ଶୃଗାଳ ଶୃଗାଳ ନୁହେଁ ଏକଥା ନିଷ୍ଠ ଧରାପଡ଼େ। ଶେଷରେ ଅପମାନ ଦଣ୍ଡ ପ୍ରାଣ ହାନୀ ହିଁ ହୋଇପାରେ। କୃଷ୍ଣସର୍ପ ଫଣାରେ କେତେ ଦିନ ନିଜ ଜାତିଭାଇଙ୍କୁ ମରାଇ ବସିବ, ବନ୍ଧୁ ଭାବିଥିବା କୃଷ୍ଣସର୍ପ ହିଁ ଦିନେ ଅଭାବରୁ ଶେଷ କରିବ ଏକଥା କ’ଣ ସଂସ୍କୃତ ଗଳ୍ପପାଠରୁ ଭୁଲି ଯାଇଛକି ? ବେକୁକ ନମ୍ବର ଏକ ଯେ ପର ପାଇଁ ହୁଏ ଟେକ, ଏପରି କେବେ ଭୁଲ କେହି ନକରନ୍ତୁ। ଆମର ବଡ଼ଭାଇ ଅଛନ୍ତି ବଳୁଆ ତାଙ୍କର ବାହୁ ଆଶ୍ରାରେ ଆମେ ସଦା ପାରି ହୋଇପାରିବା ଏ ଆଶା କେହି କରନ୍ତୁନାହିଁ। ଉଦଯୋଗ କରନ୍ତୁ ବୁଦ୍ଧି ପ୍ରୟୋଗ କରି ପ୍ରତିଷ୍ଠିତ ହେବାକୁ ଚେଷ୍ଟା କରନ୍ତୁ। ଶୁଖିଲା ରୁଟି ମୁଠି ଗଣ୍ଡେ ଖାଇ ବଞ୍ଚନ୍ତୁ କେବେ ପର ପାଇଁ ପଲାଉ ଖେଚେଡ଼ି ପାଇ ବଞ୍ଚିବା ଅଢ଼େଇ ଦିନିଆଁ କରନ୍ତୁ ନାହିଁ। ଲାଞ୍ଚ ମିଛ ଦୁର୍ନୀତିରେ କେବେ ବଞ୍ଚିବାକୁ ଚେଷ୍ଟା କରନ୍ତୁ ନାହିଁ।

ରତ୍ନାକର ଡାକୁ ଦିନେ ଏଇ ମାର୍ଗରେ ଥିଲେ। ବ୍ରହ୍ମା ନାରଦ ତାଙ୍କୁ ଅନେକ ଚେଷ୍ଟାରେ ବାଲ୍ମିକୀ କରିବା ସାଧନାକୁ ଆଣିଥିଲେ। ବ୍ରହ୍ମା ନାରଦ ଏ ଯୁଗରେ କିଏ ? ବ୍ରହ୍ମା ହେଉଛନ୍ତି ସୃଷ୍ଟିର ସ୍ଥିର ନିୟମ ମାନ ଆଉ ନାରଦ ହେଉଛନ୍ତି ଚେତେଇ ଦେଉଥିବା ଖବରମାନ। ଯହିଁରେ ଦୋଷ ରହୁଛି ତ୍ରୁଟି ରହୁଛି। ରତ୍ନାକର କିଏ ରତ୍ନ ତ ମୂଲ୍ୟବାନ ସମ୍ପତ୍ତି, ଏଇ ପ୍ରକ୍ରିୟାରେ ଅନ୍ୟାୟ ପଥ ଆପଣେଇବା ବ୍ୟକ୍ତି ବିଶେଷ। ମାନ-ଅପମାନରେ କେବଳ ମାନ ସଦା ମିଳିବା ସମ୍ଭବ ନୁହେଁ ହେଲେ ମାନ ପାଇଁ ଅହରହ ଚେଷ୍ଟା ପରିଶ୍ରମରେ ଅର୍ଜନ ରହିପାରେ ମାତ୍ର ସବୁଥାଇ କୁଚେଷ୍ଟା କ୍ଷଣକରେ ବାରବର୍ଷ ତପ ଶୁଖୁଆ ଝୋଳରେ ଲୁଟ ହୋଇଯାଏ।

ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ହନୁମାନଙ୍କ ଦ୍ୱିତୀୟ ବାର୍ଷିକ ଯଜ୍ଞ ଉତ୍ସବ



ବ୍ୟାସନଗର, (ମହାଭାରତ) : କୋରେଇ ବ୍ଲକ ପଛିକୋଟ ପଞ୍ଚାୟତ କଡ଼ମା ଗ୍ରାମରେ ଶ୍ରୀ ଶ୍ରୀ ପଞ୍ଚମୁଖୀ ହନୁମାନ ଙ୍କ ଦ୍ୱିତୀୟ ବାର୍ଷିକ ଯଜ୍ଞ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। କଳସ ଯାତ୍ରା, ଗାୟତ୍ରୀ ମହାମନ୍ତ୍ର ପାଠ, ୧୦୮ ହନୁମାନ ଚାଳିଶା ପାଠ, ସନ୍ଧ୍ୟାରେ ପୂର୍ଣ୍ଣାହୁତି ଓ ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟାରେ କୁନି ପ୍ରବଚକ କେଶବ ଦାଶ ଦ୍ୱିତୀକୃଷ୍ଣ ପ୍ରବଚନ ଦେଇଥିଲେ। ନିମାଇଁ ଚରଣ ପାଗଡ଼ କର୍ତ୍ତା ଥିଲେ।ଗଙ୍ଗାଧର ସ୍ୱାଇଁ ଗାୟତ୍ରୀ ମହାମନ୍ତ୍ର ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ସୁଶୀଲ କୁମାର ମଲ୍ଲିକ, ଅତିଥି ସୁରେନ୍ଦ୍ର କୁମାର ମଲ୍ଲିକ, ଚନ୍ଦନ କୁମାର ପତି, ମନୋଜ କୁମାର ଶତପଥୀ ଓ ସାମ୍ବାଦିକ ରଜତ କୁମାର ସାହା ପ୍ରମୁଖ ଯୋଗ ଦେଇଥିଲେ।

## ଏନ୍ ଏଲ୍ ସି ଇଣ୍ଡିଆ ପାଳିଲା କୃତଜ୍ଞତା ଦିବସ




ସମ୍ବଲପୁର, (ମହାଭାରତ) : ଭାରତ ସରକାରଙ୍କ ପ୍ରମୁଖ ଏନ୍. ଏଲ.ସି. ଇଣ୍ଡିଆ ଲିମିଟେଡ଼ (ଏନ୍ଏଲ୍ ସି ଆଇ ଏଲ୍) ଅଧୀନସ୍ଥ ଏନ୍ଏଲ୍ସି ତଲାବିରା ଦ୍ୱିତୀୟ ଏବଂ ତୃତୀୟ ଖୋଲାମୁହଁ ପ୍ରକଳ୍ପ (ଓସିପି) ପକ୍ଷରୁ କମ୍ପାନୀର ୭୦ତମ ପ୍ରତିଷ୍ଠା ଦିବସକୁ କୃତଜ୍ଞତା ଦିବସ ଭାବରେ ପାଳନ କରାଯାଇଛି। ଏହି ଉପଲକ୍ଷେ ସମ୍ବଲପୁରସ୍ଥିତ ପ୍ରକଳ୍ପ କାର୍ଯ୍ୟାଳୟ ଭବନ ପରିସରରେ ପତାକା ଉତ୍ତୋଳନ ଅନୁଷ୍ଠିତ ହୋଇଯାଇଛି। ତଲାବିରା ଦ୍ୱିତୀୟ ଏବଂ ତୃତୀୟ ଓସିପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରକଳ୍ପ ମୁଖ୍ୟ ଜଗଦୀଶ ଚନ୍ଦ୍ର ମଜୁମଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଅଭିବୃଦ୍ଧି, ଅଗ୍ରଗତି ଓ ଦେଶର ଶକ୍ତି ସଶକ୍ତୀକରଣ ପ୍ରତି ସ୍ଥାୟୀ ପ୍ରତିବଦ୍ଧତାର ପ୍ରତୀକ ସ୍ୱରୂପ ଏନ୍ଏଲସିଆଇଏଲ୍ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ମୁଖ୍ୟ ମହାପ୍ରବନ୍ଧକ (ଜମି) ରଘୁନାଥ ବେହେରା ଓ ମାନବ ସମ୍ବଳ (ଏଚ୍ଆର୍) ବିଭାଗର ଉପମହାପ୍ରବନ୍ଧକ ତଥା ମୁଖ୍ୟ ସୁବ୍ରତ କୁମାର ବିଶ୍ୱାଳଙ୍କ ସମେତ ପ୍ରକଳ୍ପର ବହୁ ବରିଷ୍ଠ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଉତ୍ସବ ବରିଷ୍ଠ ଅଧିକାରୀମାନେ ପ୍ରଦୀପ ପଜ୍ୱଳନ କରି କମ୍ପାନୀର ଅଭିବୃଦ୍ଧି ଓ ଉତ୍କର୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ଶ୍ରମଶକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସମାବେଶକୁ ସମ୍ବୋଧିତ କରି ପ୍ରକଳ୍ପ ମୁଖ୍ୟ ମଜୁମଦାର କମ୍ପାନୀର ସଫଳତାର ୭ଦଶନ୍ଧିର ଯାତ୍ରା ଏବଂ ବିଭିନ୍ନ ପରିବର୍ତ୍ତନମୂଳକ ପର୍ଯ୍ୟାୟ ଉପରେ ଆଲୋକପାତ କରିଥିଲେ । ଏନ୍ଏଲସିଆଇଏଲର ପ୍ରଥମ କୋଇଲାଖଣି ଉଦ୍ୟୋଗ ଭାବରେ ତଲାବିରା ପ୍ରକଳ୍ପର ରଣନୈତିକ ଗୁରୁତ୍ୱ ଓ ଦେଶର ଶକ୍ତି ସୁରକ୍ଷାରେ ଏହାର ଅବଦାନ ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥିସହ କର୍ମଚାରୀଙ୍କ ଉତ୍ସର୍ଗୀକୃତ ସେବା ଓ ବଳିଦାନକୁ ପ୍ରଶଂସା କରିବା ସହ ଆଗାମୀଦିନରେ ଏକତା , ନମନୀୟତା ଓ ଉତ୍କର୍ଷତା ସହିତ କମ୍ପାନୀର ' ଧନ ସୃଷ୍ଟି ମିଶନ' ପ୍ରତି ନିଜର ପ୍ରତିବଦ୍ଧତା ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଶେଷରେ, ଉପସ୍ଥିତ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ଦଳଗତ ଏକତା, ମଧୁର ସ୍ମୃତି ଏବଂ ରାଷ୍ଟ୍ର ନିର୍ମାଣ ଦିଗରେ ଆଗକୁ ବଢ଼ିବାର ଏକ ନୂତନ ପ୍ରକଳ୍ପ ନେଇଥିଲେ ।

## ବୁଲା କୁକୁର ପାଇଁ ମହାଭାରତ



କପ୍ତିପଦା, (ମହାଭାରତ) : ବୁଲା କୁକୁର ପାଇଁ ମହାଭାରତ। ବିଧବା ମହିଳା ଓ ଦିବ୍ୟାଙ୍ଗ ଝିଅ କୁ ନିର୍ଘାତ ମାଡ଼ ମାରିଲେ, ଏମିତି କି ପଥର ମାଡ଼ କରିଲେ। ଶେଷରେ ଦିବ୍ୟାଙ୍ଗ ଝିଅ କୁ ଧରି ଥାନାର ଦ୍ୱାରସ୍ତ ହୋଇଛନ୍ତି ବିଧବା ମହିଳା। ଉଦଳା ଥାନା ଉର୍ମଳ ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଗ୍ରାମର ବିଧବା ମହିଳା ଫୁଲମଣି ହେମ୍ବ୍ରମ ନିଜ ଦିବ୍ୟାଙ୍ଗ ଝିଅ ସହିତ ଘରେ ରୁହନ୍ତି। ତାଙ୍କ ଘର ବାହାରେ ଥିବା ଏକ ଗଛ ମୂଳରେ ଗୋଟିଏ ବୁଲା କୁକୁର କିଛି ସମୟ ଶୋଇବା ପରେ ଗ୍ରାମ ଆଡକୁ ଯାଇଥିଲେ। ଏହି ସମୟରେ ଗ୍ରାମର ଲୋକ ମାନେ ଆସି ବୁଲା କୁକୁର ପାଳିଛୁ, ଆଉ ସେହି କୁକୁର ଆମ ଛେଳି କୁ ଆକ୍ରମଣ କରୁଛି ବୋଲି କହି ଫୁଲମଣି ହେମ୍ବ୍ରମ ଏବଂ ତାଙ୍କ ଦିବ୍ୟାଙ୍ଗ ଝିଅକୁ ନିର୍ଘାତ ମାଡ଼ ମାରିଥିଲେ। ଏପରିକି ଦିବ୍ୟାଙ୍ଗ ଝିଅକୁ ପଥର ଫୋପାଡ଼ି ମାରିଥିଲେ, ଯେଉଁଥିରେ ଦିବ୍ୟାଙ୍ଗ ଝିଅର ମୁଣ୍ଡ ଫୁଲି ଯାଇଛି। ତେବେ ଗ୍ରାମବାସୀଙ୍କ ମାଡ଼ରେ ଗୁରୁତର ହୋଇଥିବା ଫୁଲମଣି ନିଜ ଦିବ୍ୟାଙ୍ଗ ଝିଅ କୁ ମେଡିକାଲରେ ଚିକିତ୍ସା କରାଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୌଣସି କୁକୁର ସେ ପୋଷି ନାହାନ୍ତି ବୋଲି କହିଛନ୍ତି ଫୁଲମଣି।

## ଡାକ୍ତର ସାଙ୍ଗକୁ ଆମ୍ବୁଲାନ୍ସ, ଫାର୍ମାସିଷ୍ଟ, ଔଷଧ ଅଭାବ ନେଇ ରାସ୍ତାରୋକ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଗାରବନ୍ଧ ପ୍ରାଥମିକ ଚିକିତ୍ସାଳୟ ରେ ଡାକ୍ତର ଅଭାବ , ଫାର୍ମାସିଷ୍ଟ, ଆମ୍ବୁଲାନ୍ସ ଅଭାବ ମେଡିସିନ ଅଭାବ ନେଇ ରାସ୍ତା ରୋକ କରାଯାଇଥିଲା । ଜନସାଧାରଣ ରାସ୍ତାରୋକ କରିଥିଲେ । ଘଟଣାସ୍ଥଳରେ ଉପ ଜିଲ୍ଲାପାଳ, ତହସିଲଦାର ମାଧବା ନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣ ଯଙ୍କୁ ବୁଝା ସୁଝ କରିଥିଲେ । ପ୍ରତିଶ୍ରୁତି ପରେ ରାସ୍ତା ରୋକ ହଟିଥିଲା। ଯଦି ଦାବି ପୂରଣ ନ ହେବ ପୁଣି ରାସ୍ତା ରୋକ କରାଯିବ ବୋଲି ଜନସାଧାରଣ ପ୍ରକାଶ କରିଛନ୍ତି। ୨୪ ଘଣ୍ଟା ସ୍ୱାସ୍ଥ୍ୟ ସେବା ଯୋଗାଇବ ସକାଶେ ଦାବି କରିଛନ୍ତି।

# ନୟାଗଡ଼ରେ 'ଆହାର' ଯୋଜନା ବାଟମାରଣା, ସିଂହଭାଗ ଖାଉଛନ୍ତି ନେତା ଓ ଅଧିକାରୀ




ନୟାଗଡ, (ମହାଭାରତ) : ନୟାଗଡ଼ ଜିଲ୍ଲାରେ ସରକାରଙ୍କ କଲ୍ୟାଣକାରୀ ଯୋଜନା "ଆହାର' ରେ ବ୍ୟାପକ ଘୋଟାଲା ଅଭିଯୋଗ ହୋଇଛି। ଆହାର ପରିଚାଳନା ଦାୟିତ୍ୱ ନୟାଗଡ଼ ପୌର ପରିଷଦ ଅଧୀନରେ ଥିବା ବେଳେ ପ୍ରସ୍ତୁତି ଓ ଆବଣ୍ଟନ ପାଇଁ ମା' ଗାୟତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ହାତବାରିଶି କରି ଜଣେ ବ୍ୟକ୍ତି ସାଂଘାତିକ ଘୋଟାଲା କରିବା ସହ ଆହାର ମିଲ୍ ସଂଖ୍ୟା କମାଇ ବାଟମାରଣା କରୁଛନ୍ତି। ନୟାଗଡ଼ ଆହାର କେନ୍ଦ୍ର ଅଧୀନରେ ନୟାଗଡ଼, ରଣପୁର, ଓଡ଼ଗାଁ, ଦଶପଲ୍ଲା ଓ ଖଣ୍ଡପଡ଼ା ରହିଛି। ନୟାଗଡ଼ ଆହାର କେନ୍ଦ୍ରରୁ ପ୍ରତ୍ୟେକ ଦିନ ଆହାର ପ୍ରସ୍ତୁତ କରାଯାଇ ଉକ୍ତ କେନ୍ଦ୍ରକୁ ପଠାଯାଉଛି। ଦୈନିକ ୨୫ ଶହ ଏବଂ ମାସକୁ ୭୦ ରୁ ୮୦ ହଜାର ମିଲ ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି। ବାସ୍ତବରେ ଏହି ପରିମାଣର ମିଲ ରୋଷେଇ ହେଉ ନ ଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ହିତାଧିକାରୀ ଆହାର କେନ୍ଦ୍ରକୁ ଯାଇ ନିରାଶରେ ଫେରୁଛନ୍ତି। ମିଳିଥିବା ସୂଚନାନୁସାରେ, ନୟାଗଡ଼ ଆହର କେନ୍ଦ୍ର ପାଇଁ ମଧ୍ୟାହ୍ନ ସମୟରେ ୯୫୦ ମିଲ, ରାତି ପାଇଁ ୩ ଶହ ମିଲ୍ ରୋଷେଇ କରାଯାଉଛି। ସେହିଭଳି ରଣପୁର ପାଇଁ ୩ ଶହ, ଓଡ଼ଗାଁ ପାଇଁ ୩୫୦, ଦଶପଲ୍ଲା ପାଇଁ ୩ ଶହ, ଖଣ୍ଡପଡ଼ା ପାଇଁ ୩ ଶହ ମିଲ କରାଯାଉଛି। ଏହି ହିସାବରେ ସରକାରୀ କାଗଜପତ୍ରରେ ୨୫ ଶହ ମିଲ ହେଉଛି। ନୟାଗଡ଼ ଆହାର କେନ୍ଦ୍ରରେ ସକାଳ ୧୧ଟା ରୁ ଦିନ ୩ଟା ପର୍ଯ୍ୟନ୍ତ ହିତାକାରୀଙ୍କ ପାଇଁ ଖାଦ୍ୟ ଉପଯୋଗୀ ହେବାକୁ ନିୟମ ରହିଥିବା ବେଳେ ୧୨ଟା ପରେ ଆଉ ଟୋକନ ମିଳୁନାହିଁ। ସମାନ ଭାବେ ଜିଲ୍ଲାର ପ୍ରତ୍ୟେକ ଆହର କେନ୍ଦ୍ରକୁ କମ ପରିମାଣର ମିଲ ପଠାଯାଉଛି। ଯାହାକୁ ନେଇ ଲୋକଙ୍କ ମନରେ ଚାପା ଅସନ୍ତୋଷ ସୃଷ୍ଟି ହେଉଛି। ସରକାର ଗୋଟିଏ ମିଲ ପିଛା ୨୨ ଟଙ୍କା ଏବଂ ହିତାଧିକାରୀ ମାନେ ୫ ଟଙ୍କା ପ୍ରଦାନ କରୁଥିବା ବେଳେ ମିଲ ରୋଷେଇ କମାଇ ସରକାରଙ୍କ ପାଖରୁ ଆସୁଥିବା ୨୨ ଟଙ୍କାକୁ ବାଟମାରଣା କରାଯାଉଛି। ପ୍ରତ୍ୟେକ ଦିନ ୧ ହଜାର ମିଲ ଘୋଟାଲା ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ ଦିନ ମିଲ ସଂଖ୍ୟାକୁ କମାଇ ରୋଷେଇ କରାଯାଉଛି। ବାଟମାରଣା ହେଉଥିବା ଅର୍ଥକୁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ପରିଚାଳନା କରୁଥିବା ନେତା, ଅଧିକାରୀଙ୍କୁ ଖୁସି କରାଯାଉଛି। ସରକାରୀ ଦଳର କିଛି ଛାମୁଆ ନେତା ତଥା କର୍ମୀଙ୍କୁ ଆହାର ଅର୍ଥରୁ ସିଂହ ଭାଗ ଯାଉଥିବା ଆଲୋଚନା ହେଉଛି। ପୌର ପରିଷଦ ପକ୍ଷରୁ ଆହାର ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଏବଂ ମିଲ ସଂଖ୍ୟାକୁ ତଦାରଖ କରିବାକୁ ଆଦୌ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ନୟାଗଡ଼ ଆହର ବ୍ୟବସ୍ଥାର ଭିଜିଲାନ୍ସ ତଦନ୍ତ କରାଗଲେ ଏକ ବଡ଼ କେଳେଙ୍କାରୀ ପ୍ରମାଣିତ ହେବା ନିଶ୍ଚିତ ବୋଲି ଅଭିଯୋଗ ହେଉଛି। ଆହାର ବାଟମାରଣା ଅଭିଯୋଗ ସମ୍ପର୍କରେ ମତାମତ ପାଇଁ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରେ କହିଲେ, ମିଲ ବାଟମାରଣ ହେଉନାହିଁ। ବରଂ ମିଲ୍ ପାଉ ନ ଥିବା କହିଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨ ଶହ ମିଲ ବୃଦ୍ଧି କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି।

## ନଳକୂପରୁ ବାହାରୁଛି ଗୋଳିଆ ପାଣି, ମହିଳାଙ୍କ ପ୍ରତିବାଦ



ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ୍ ଖମାରସାହି ପଞ୍ଚାୟତ ପୁରୁଣା ଦଶପଲ୍ଲା (ଶନି ମନ୍ଦିର) ନିକଟରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଗ୍ରୀଷ୍ମ ପ୍ରବାହ ସମୟରେ ଲୋକେ ଟୋପାଏ ଶୁଦ୍ଧ ପାନୀୟ ଜଳ ପାଇଁ ତହଳବିକଳ ହେଉଥିବା ବେଳେ ପ୍ରଶାସନର ଆଖିଦୃଶିଆ ପଦକ୍ଷେପ ଅଭାବରୁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ଅଞ୍ଚଳରେ ଥିବା ନଳକୂପରୁ ଦୀର୍ଘ ଦିନ ହେବ ଅତି ଅପରିଷ୍କାର ଓ ଗୋଳିଆ ପାଣି ବାହାରୁଛି। ଏହି ପାଣି ଆଦୌ ପିଇବା ଯୋଗ୍ୟ ହେଉ ନଥିବାରୁ ଗ୍ରାମବାସୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଆଜି ସ୍ଥାନୀୟ ମହିଳାମାନେ ଖାଲି ଗରା, ମାଠିଆ ଓ ବାଲ୍‌ଟି ରଖି ନିଜର ଅସନ୍ତୋଷ ପ୍ରକାଶ କରିବା ସହ ତୀବ୍ର ପ୍ରତିବାଦ କରିଛନ୍ତି। ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ମହିଳାମାନେ ଦାବି କରିଛନ୍ତି। ଅନ୍ୟପଟେ ଏହି ସମସ୍ୟା ସମ୍ପର୍କରେ ବିଡିଓ ଶରତ କୁମାର ମଲିକଙ୍କ ମତାମତ ନେବାରେ ସେ କହିଛନ୍ତି ଯେ, ଘଟଣାର ସଠିକ୍ ଅନୁଧ୍ୟାନ କରି ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ। ଯଦି ନଳକୂପ ସମସ୍ୟା ତୁରନ୍ତ ସମାଧାନ ନହୁଏ, ତେବେ ଲୋକଙ୍କ ଜଳକଷ୍ଟ ଦୂର କରିବା ପାଇଁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ତୁରନ୍ତ ଟ୍ୟାଙ୍କର ସାହାଯ୍ୟରେ ପାଣି ଯୋଗାଇ ଦିଆଯିବ ବୋଲି ସେ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି।

## ପାରାଦୀପରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ବୈଠକ



ପାରାଦୀପ, (ମହାଭାରତ) : ପାରାଦୀପର ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍) ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରସ୍ତୁତି ବୈଠକ ମେ ୧୮ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରା, ପାରାଦୀପ ଉପ-ଜିଲ୍ଲାପାଳ ସୟଦା ନୟେଲା, ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ)ଙ୍କ ସମେତ ବିଜେପି, ବିଜେଡି, କଂଗ୍ରେସ, ବିଏସପିର ରାଜନୈତିକ ଦଳର ନେତା ତଥା ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ, ନିର୍ଭୁଲ ଏବଂ ନିର୍ଭରଯୋଗ୍ୟ କରିବା ଏବଂ ଏଥିରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ମାନଙ୍କ ଭୂମିକା, ମ୍ୟାପିଂ ପ୍ରକ୍ରିୟା ଏବଂ ଭୋଟର ସତ୍ୟାପନ ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରାଯାଇଥିଲା ।

## ପାରାଦୀପ ବନ୍ଦରରେ ଲାଗିଲା ବୃହତ ଆମୋନିଆ ଗ୍ୟାସ ଜାହାଜ 'ପୋଲାର'




ପାରାଦୀପ, (ମହାଭାରତ) : ଭାରତକୁ ଆସିଥିବା ସର୍ବ ବୃହତ ଆମୋନିଆ ଗ୍ୟାସ ବୋଝେଇ ଜାହାଜ 'ପୋଲାର' ୨୩୭୯୯.୮୩୨ ମେଟ୍ରିକ ଟନ ପଣ୍ୟ ନେଇ ପାରାଦୀପ ବନ୍ଦରରେ ଲାଗିଛି । ସମ୍ପ୍ରତି ଆମୋନିଆର ଅଭାବର ସଙ୍କଟ ସମୟରେ, କମ୍ପାନୀଗୁଡ଼ିକ କଞ୍ଚାମାଲ ପାଇବା ପାଇଁ ଅଭିନବ ସମାଧାନ ଖୋଜିବା ପାଇଁ ଯୋଗାଣକାରୀମାନଙ୍କ ସହିତ କାର୍ଯ୍ୟ କରୁଛନ୍ତି। ଏହି ଜାହାଜ ପାରାଦୀପ ଫସଫେଟ୍ସ ଲିମିଟେଡ୍ (ପିପିଏଲ) ଜେଟିରେ ଲାଗିଛି ଏବଂ ଏହି ପଣ୍ୟ ଆଗ୍ରୀଫିଲ୍ଡସ୍ ଡିଏମସିସି ଦ୍ୱାରା ଯୋଗାଣ କରାଯାଇଛି । ଏହା ସମସ୍ତ ପକ୍ଷ ମଧ୍ୟରେ ଶକ୍ତିଶାଳୀ ସହଯୋଗ ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ୍ ଦ୍ୱାରା ଅନୁକରଣୀୟ ନେତୃତ୍ୱର ଏକ ମହାନ ଉଦାହରଣ ଯାହା ପାରାଦୀପ ବନ୍ଦର ଦ୍ୱାରା ସହାୟତା ପ୍ରାପ୍ତ। ଜାହାଜ ଷ୍ଟିମର ଏଜେଣ୍ଟ ହେଉଛି ମେସର୍ସ ସିଟ୍ରାନ୍ସ ସିପ୍ ମ୍ୟାନେଜମେଣ୍ଟ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍।

## ସାର ବୋଝେଇ ଟ୍ରକ୍ ଦୁର୍ଘଟଣା, ଡ୍ରାଇଭର ମୃତ



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ନିକଟରେ ଏକ ସାର ବୋଝେଇ ଟ୍ରକ୍ ଦୁର୍ଘଟଣା ଘଟିଛି। ଟ୍ରକ୍ଟି ରାସ୍ତା କଡ଼େର ଥିବା ଦୁଇଟି ଗଛକୁ ପିଟି ଦେଇଥିବା ବେଳେ ଘଟଣା ସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଜୟପୁର କେନ୍ଦୁଗୁଡ଼ାର କାନ୍ତ। ଜୟପୁର ମାର୍କଫେଡ୍ ରୁ ରାଇଘର ଲ୍ୟାମ୍ପସ୍ କୁ ୬୦୦ ବସ୍ତା ସାର ନେଇ ଟ୍ରକ୍ଟି ଆସୁଥିଲା। ଘଟଣା ସ୍ଥଳରେ ରାଇଘର ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଦୁର୍ଘଟଣାର କାରଣ ନେଇ ରାଇଘର ପୋଲିସ୍ ଯାଞ୍ଚ ଆରମ୍ଭ କରିଛି।ରାଇଘର ନିକଟରେ ଘଟିଥିବା ଏହି ଭୟାବହ ସଡ଼କ ଦୁର୍ଘଟଣାରେ ଏକ ସାର ବୋଝେଇ ଟ୍ରକ୍ ନିୟନ୍ତ୍ରଣ ହାରାଇ ରାସ୍ତା ପାଖରେ ଥିବା ଦୁଇଟି ଗଛକୁ ପିଟି ଦେଇଥିଲା। ଫଳରେ ଟ୍ରକ୍ ଡ୍ରାଇଭର କାନ୍ତଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ସୂଚନା ଅନୁସାରେ ଟ୍ରକ୍ଟି ଜୟପୁର ମାର୍କଫେଡ୍ ରୁ ରାଇଘର ଲ୍ୟାମ୍ପସ୍ କୁ ପ୍ରାୟ ୬୦୦ ବସ୍ତା ସାର ନେଇ ଯାଉଥିଲା। ଖବର ପାଇ ରାଇଘର ଅଗ୍ନିଶମ ବିଭାଗ ଓ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଲା ସେନେଇ ରାଇଘର ପୋଲିସ୍ ତଦନ୍ତ ଆରମ୍ଭ କରିଛି।

# କୁହୁଡିରେ ୯୬ ତମ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ



ଅସ୍ତରଙ୍ଗ, (ମହାଭାରତ) : ସ୍ୱାଧୀନତା ସଂଗ୍ରାମ ରେ କୁହୁଡି ଲବଣ ସତ୍ୟାଗ୍ରହ ଏକ ପ୍ରମୁଖ ଘଟଣାବଳୀ ଐତିହାସିକ ସ୍ଥାନ ।ଏହା ସ୍ୱାଧୀନତା ସଂଗ୍ରାମ କୁ ଅଧିକ ଋଦ୍ଧିମନ୍ତ କରିବା ସହ ଏକ ଜନ ଆନ୍ଦୋଳନ ରେ ପରିଣତ କରିବାକୁ ପ୍ରେରଣା ଦେଇଥିଲା ବୋଲି କହିଥିଲେ କାକଟପୁର ବିଧାୟକ ତୃଷାର କାନ୍ତି ବେହେରା ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସହୀଦ ସ୍ମୃତି ପୀଠ କୁହୁଡି ଠାରେ ଆଜି ୯୬ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଥିଲା। ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅସ୍ତରଙ୍ଗ ପକ୍ଷରୁ ଏହା ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀବେହେରାମହାତ୍ମାଗାନ୍ଧୀ ଙ୍କ ଦାଣ୍ଡିଯାତ୍ରାରେ ଅନୁପ୍ରାଣୀତ ହୋଇ ୧୯୩୦ ମସିହା ଆଜିର ଦିବସରେ ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ସଂଗ୍ରାମୀ ନୀଳକଣ୍ଠ ଦାସ, ଜଗନ୍ନାଥ ରଥ,ଗୋବିନ୍ଦ ଦାସ ପ୍ରମୁଖ ଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମ କୁ ଅଧିକ ତେଜୋଦିପ୍ତ କରିଥିଲା ବୋଲି କହିବା ସହ ଯୁବ ପିଢ଼ି ଏହି ଐତିହ୍ୟ କୁ ଆଗକୁ ନେବେ ବୋଲି ଆଶା କରିଥିଲେ,ମୁଖ୍ୟ ବକ୍ତା ଭାବେ ଗାନ୍ଧୀ ଦର୍ଶନ ବିଚାରକ ତଥା ସୁ ସାହିତ୍ୟିକ ଦାସ ବେନହୁର ଓ ପ୍ରଗତିବାଦୀ ସମ୍ବାଦପତ୍ରର କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଗାନ୍ଧିଜୀ ମୂଲ୍ୟବୋଧ ର ଆଧାର ଓ ବିଶ୍ୱ ର ସମସ୍ତ ଦେଶ ପାଇଁ ଏକ ଶ୍ରେଷ୍ଠ ପରିଚୟ ବୋଲି କହିଥିଲେ ।ଲବଣ ସତ୍ୟାଗ୍ରହର ଐତିହ୍ୟ, ମହାତ୍ମାଗାନ୍ଧୀ ଙ୍କ ର ସ୍ୱାଧୀନତା ସଂଗ୍ରାମରେ କୁହୁଡି ର ଅବଦାନ, ମହାତ୍ମାଗାନ୍ଧୀ ଙ୍କ ଓଡିଶା ଗସ୍ତର ଇତିହାସ, ସଂଗ୍ରାମ, ସଂଗ୍ରାମୀ ମାନଙ୍କର ସଂଘର୍ଷ ର କଥା,ସ୍ୱ ନିର୍ଭରଶୀଳତା, ଆଜିର ସମୟରେ ଲବଣ ସତ୍ୟାଗ୍ରହ ଆଲୋଚନା ର ଆବଶ୍ୟକତା ଓ ଯୁବ ପିଢ଼ି ଙ୍କୁ ଅନୁପ୍ରେରଣା ସମ୍ପର୍କରେ ଦୁଇ ପ୍ରମୁଖ ବକ୍ତା ବିସ୍ତୃତ ଆଲୋଚନା କରିଥିଲେ ।ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହ ରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଉପଦେଷ୍ଟା ମହେଶ୍ୱର ନାୟକ, ସଂଗ୍ରାମୀ ଦାୟାଦ ଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମ, ଲବଣ ସତ୍ୟାଗ୍ରହ ଓ କୁହୁଡି ର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ମାରକୀ ସମାରୋହ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ,ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଅତିଥି ମାନଙ୍କ ଶୁଭେଚ୍ଛା ବାର୍ତ୍ତା କୁ ପଠନ କରା ଯାଇଥିଲା ।ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ପ୍ରକାଶିତ ସ୍ମରଣିକା କୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।ଗତ ମାଟ୍ରିକ ପରୀକ୍ଷାରେ ଅସ୍ତରଙ୍ଗ ବ୍ଲକ ସ୍ତରରେ ସର୍ବାଧିକ ନମ୍ବର ରଖିଥିବା ୪ ଜଣ ଛାତ୍ର ଛାତ୍ରୀ ସୁଚିସ୍ମିତା ସେଠୀ, ସୂରଜ ପ୍ରଧାନ, ପୁଷ୍ପଜିତ ପ୍ରଧାନ ଓ ଶଶାଙ୍କ ଦଳାଇ ଙ୍କୁ ଅତିଥି ମାନେ ମାନପତ୍ର ଓ ଆର୍ଥିକ ସହଯୋଗ ମାଧ୍ୟମରେ ସମ୍ବର୍ଦ୍ଧିତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ସମ୍ପାଦକ କାଳନ୍ଦୀ ଚରଣ ଛାଟୋଇ ମଞ୍ଚ ସଞ୍ଚାଳନ କରିଥିଲେ, ଶେଷରେଧନ୍ୟବାଦ ଅର୍ପଣ କରିଥିଲେ, ଅନ୍ୟ ମାନଙ୍କ ମଧ୍ୟରେ ଲୋକ ପ୍ରତିନିଧି, ଶିକ୍ଷାବିତ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।ପ୍ରାରମ୍ଭରେ କୁହୁଡି ଠାରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତି ଫଳକରେ ଅତିଥି ମାନେ ମାଲ୍ୟାର୍ପଣ ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ପୂର୍ବରୁ ବ୍ଲକ ନିକଟରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଓ ବ୍ଲକ ପରିସରରେ ଥିବା ସହୀଦ ସ୍ମୃତି ଫଳକରେ ମାଲ୍ୟାର୍ପଣ କରାଯିବା ସହ ଏକ ସଚେତନତା ପଦଯାତ୍ରା ବ୍ଲକ ଠାରୁ କୁହୁଡି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।ସେହିପରି କୁହୁଡି ସ୍ମୃତି ପୀଠ ଠାରେ ଉତ୍କଳ ସଂଗ୍ରାମ ସ୍ମୃତି ସମିତି ର କର୍ମକର୍ତ୍ତା ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯିବା ସହ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।ଏହି ଅବସରରେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ସଂଗୀତ, ବନ୍ଦେ ମାତରମ ଓ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା।

## ବେଆଇନ ମହୁଲ ଗୋଦାମ ଉପରେ ଚଢାଉ ୩୦୭ କ୍ୱିଣ୍ଟାଲ ମହୁଲ ଫୁଲ ଜବତ, ଜଣେ ଗିରଫ



କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାରରେ ଥିବା ଏକ ବେଆଇନ ମହୁଲ ଗୋଦାମ ଉପରେ ରାଜ୍ୟ ସ୍ୱତନ୍ତ୍ର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲ ଫୁଲ ଜବତ କରାଯାଇଛି। ଏହି ଚଢାଉ ସମୟରେ ଗୋଦାମରୁ ୩୦୭ କ୍ୱିଣ୍ଟାଲ ୪ କିଲୋ ମହୁଲ ଫୁଲ ଜବତ କରାଯାଇଥିବା ବେଳେ ଗୋଦାମ ମାଲିକ ସର୍ବେଶ୍ୱର ଜେନାଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଗତକାଲି ଭୋର ପ୍ରାୟ ୫ଟା ୩୦ ମିନିଟ୍ ସମୟରେ ରାଜ୍ୟ ସ୍ୱତନ୍ତ୍ର ଅବକାରୀ ବିଭାଗର ଏକ ବିଶେଷ ଟିମ୍ ଠାକୁରମୁଣ୍ଡା ବଜାରସ୍ଥିତ ସର୍ବେଶ୍ୱର ଜେନାଙ୍କ ଗୋଦାମ ଉପରେ ଅଚାନକ ଚଢାଉ କରିଥିଲେ। ଚଢାଉ ସମୟରେ ଗୋଦାମ ଭିତରେ ବିପୁଳ ପରିମାଣରେ ମହୁଲ ଫୁଲ ଗଚ୍ଛିତ ରହିଥିବା ଦେଖି ଅବକାରୀ ବିଭାଗର ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅବକାରୀ ବିଭାଗ ପକ୍ଷରୁ ଗୋଦାମ ମାଲିକଙ୍କୁ ମହୁଲ ଗଚ୍ଛିତ କରିବା ସମ୍ବନ୍ଧୀୟ ବୈଧ କାଗଜପତ୍ର ଓ ଅନୁମତି ପତ୍ର ଦେଖାଇବାକୁ କୁହାଯାଇଥିଲେ ମଧ୍ୟ ସେ କୌଣସି ବୈଧ ଦଲିଲ ପ୍ରଦର୍ଶନ କରିପାରିନଥିଲେ। ତେଣୁ ଗୋଦାମରେ ଗଚ୍ଛିତ ଥିବା ସମସ୍ତ ମହୁଲ ଫୁଲକୁ ବେଆଇନ ଘୋଷଣା କରି ଜବତ କରାଯାଇଥିଲା। ଏତେ ବିପୁଳ ପରିମାଣର ମହୁଲ ଫୁଲ ଥିବାରୁ ଜବତ ପ୍ରକ୍ରିୟା ଦୀର୍ଘ ସମୟ ଧରି ଚାଲିଥିଲା। ସକାଳ ୫ଟା ୩୦ରୁ ଆରମ୍ଭ ହୋଇ ଏହି ପ୍ରକ୍ରିୟା ରାତି ପ୍ରାୟ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିଥିବା ସୂଚନା ମିଳିଛି। ଶେଷରେ ଗୋଦାମରୁ ୩୦୭ କ୍ୱିଣ୍ଟାଲ ୪ କିଲୋ ମହୁଲ ଫୁଲ ଜବତ କରାଯାଇଥିଲା। ଏହି ଚଢାଉରେ ରାଜ୍ୟ ସ୍ୱତନ୍ତ୍ର ଅବକାରୀ ଦଳର ଉପ ଅଧୀକ୍ଷକ ରସନ ଇସୁ ହାଁସଦାଙ୍କ ନେତୃତ୍ୱରେ ହୀରାଜଳ ପତି, ଅମିତ ବିଶ୍ୱାଳ, କଣ୍ଡ ଓରାମ, ଅଜୟ ବେହେରା ଓ ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀଣୀ ଭାରତୀ ନାଏକ, ଏଏସଆଇ ଲକ୍ଷ୍ମଣ ନାୟକ ସହିତ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ପ୍ରଶ୍ନ ଉଠିଛି। ଏତେ ବଡ଼ ପରିମାଣରେ ବେଆଇନ ଭାବେ ମହୁଲ ଫୁଲ ଗଚ୍ଛିତ ହୋଇଥିବା ସତ୍ତ୍ୱେ ସ୍ଥାନୀୟ ଅବକାରୀ ବିଭାଗ ଏହାର ସନ୍ଦେହ କିପରି ପାଇପାରିଲେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହା ପଛରେ କାହାର ସହଯୋଗ କିମ୍ବା ଅବହେଳା ରହିଛି କି ନାହିଁ, ତାହାକୁ ନେଇ ମଧ୍ୟ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି ହେଉଛି।

## ମେଡିକାଲରେ ଡାକ୍ତରଙ୍କ ଗୁଣ୍ଡାଗିରି




କପ୍ତିପଦା, (ମହାଭାରତ) : ମଡିକାଲରେ ଡାକ୍ତର ଦେଖାଇଲେ ଦବଙ୍ଗଗିରି, ରୋଗୀଙ୍କ ସ୍ୱାମୀକୁ ମାରିଲେ ନିର୍ଘାତ ମାଡ଼। ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଉମାକାନ୍ତ ବାସ୍କେଙ୍କ ବିରୋଧରେ। କପ୍ତିପଦା ଥାନା ଝିଲିରୀବଣି ଗ୍ରାମର ସୋନାଲି ବେହେରାଙ୍କ ର ଶରୀର ଅସୁସ୍ଥ ହେବାରୁ ଏବଂ ଚେତାଶୂନ୍ୟ ହୋଇ ରହିବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରିଥିଲେ। ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେବାର ଘଣ୍ଟାଏ ପରେ ରୋଗୀଙ୍କ ଶାଶୁ ଅମ୍ବିକା ବେହେରା ମେଡିକାଲରେ ପହଞ୍ଚି ବୋହୂ ସଂଜ୍ଞାହୀନ ଅବସ୍ଥାରେ ଥିବା ଦେଖି ଡାକ୍ତର ଉମାକାନ୍ତ ବାସ୍କେଙ୍କ ପାଖକୁ ଯାଇଥିଲେ। ରୋଗୀର କଣ ହୋଇଛି ଏବଂ ରୋଗୀଙ୍କୁ ଚିକିତ୍ସା କରିବା ପରେ ମଧ୍ୟ କଣ ପାଇଁ ଚେତା ଆସୁନାହିଁ ସେ ବାବଦରେ ଡାକ୍ତରଙ୍କୁ ପଚାରିଥିଲେ ଅମ୍ବିକା, ହେଲେ ଡାକ୍ତର ବିରକ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏହି ସମୟରେ ରୋଗୀଙ୍କ ସ୍ୱାମୀ ଦିବ୍ୟରଂଜନ ବେହେରା ଏହାର ଭିଡିଓ ଉଠାଇବାକୁ ମୋବାଇଲ ବାହାର କରିଥିବା ବେଳେ ଡାକ୍ତର ତାଙ୍କ ମୋବାଇଲ ଛଡେଇ ନେବା ସହିତ ନିର୍ଘାତ ମାଡ଼ ମାରିଥିଲେ। ଏପରିକି ମାଡ଼ ମାରିବା ସହିତ ଟଣା ଘୋଷରା କରିଥିଲେ, ଯେଉଁଥିରେ ଦିବ୍ୟରଞ୍ଜନଙ୍କ ସାର୍ଟ ଛିଣ୍ଡିବା ସହିତ ସେ ଡାକ୍ତର ଙ୍କ ମାଡ଼ରେ ଆହତ ହୋଇଛନ୍ତି। ଯାହାକୁ ନେଇ ଥାନାକୁ ଖବର ଯିବାପରେ ପୋଲିସ ମେଡିକାଲରେ ପହଁଚିଛି। ସେପଟେ ଗୁଣ୍ଡାଗିରି ଘଟଣା କୁ ମିଛ ବୋଲି କହିଛନ୍ତି ଡାକ୍ତର।

## ଯୁକ୍ତ୨ ପରୀକ୍ଷା ଫଳ ପ୍ରକାଶିତ : ବିଜ୍ଞାନରେ ବିକାଶ, କଳାରେ ଦୀପିକା, ଦୀପାଳି, ପଦ୍ମିନୀ ଟପ୍ପର

ନୂଆଗାଁ, (ମହାଭାରତ) : ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ,କଳା ଓ ବାଣିଜ୍ୟ ପରୀକ୍ଷା ଫଳାଫଳ ଚଳିତ ବର୍ଷ ବୁଧବାର ପ୍ରକାଶିତ ହୋଇଛି। ସୂଚନା ଅନୁଯାୟୀ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳା କ୍ଷେତ୍ରରେ ମୋଟ ୨୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସର୍ବମୋଟ ୨୦୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୦ ଜଣ, ତୃତୀୟ ଶ୍ରେଣୀରେ ୮୧ ଜଣ ଏବଂ ୧୭ ଜଣ ଫେଲ ହୋଇଛନ୍ତି। ସେହିପରି ଗତିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଳିସାହି ବିଜ୍ଞାନରେ ମୋଟ ୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୫ ଜଣ ପାସ କରିଛନ୍ତି ୫ ଜଣ ଫେଲ ହୋଇଛନ୍ତି। ସେଥିରୁ ପ୍ରଥମ ଶ୍ରେଣୀ ୪୫ ଜଣ, ଦ୍ୱିତୀୟ ୧୭ ଜଣ, ତୃତୀୟ ୦୩ ଜଣ ଓ ୦୫ ଜଣ ଫେଲ ହୋଇଛନ୍ତି। କଳାରେ ମୋଟ ୨୩୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମରେ ୫୯ ଜଣ, ଦ୍ୱିତୀୟ ୬୭ ଜଣ, ତୃତୀୟ ୮୬ ଜଣ ପାସ କରିଛନ୍ତି ଓ ୧୯ ଜଣ ଫେଲ ହୋଇଛନ୍ତି। ସେହିପରି ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମହୀପୁର ମୋଟ ୧୦୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୨ ପାସ କରିଛନ୍ତି ସେଥି ମଧ୍ୟରୁ ପ୍ରଥମ ୧୫ ଜଣ, ଦ୍ୱିତୀୟ ୧୯ ଜଣ, ତୃତୀୟ ୪୮ ଓ ୨୩ ଜଣ ଫେଲ ହୋଇଛନ୍ତି ଏବଂ ୨ ଜଣ ପରୀକ୍ଷା ଦେଇନାହାନ୍ତି। ସେହିପରି ବାହାଡଝୋଲା ଦଧିବାମନ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୫୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୧୦ ଜଣ ପାସ କରିଛନ୍ତି ୪୨ ଜଣ ଫେଲ ହୋଇଛନ୍ତି।ଗତିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଳିସାହି ବିଜ୍ଞାନ ବିଭାଗରେ ବିକାଶ ସାହୁ ୫୩୭, ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗରେ ଦୀପିକା ପ୍ରିୟଦର୍ଶିନୀ ସାହୁ ୫୫୫, ଦୀପାଳି ପରିଡ଼ା ୫୪୭,ପଦ୍ମିନୀ ସାହୁ ୫୩୮ ନମ୍ବର ରଖି ନୂଆଗାଁ ଟପ୍ପର ହୋଇଛନ୍ତି।ତାଙ୍କରି ଏହି ସଫଳତା ପାଇଁ ସମଗ୍ର ନୂଆଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।

# ମିଥ୍ୟା ମାମଲା କରି ଗଣମାଧ୍ୟମ କଣ୍ଠରୋଧ ଉଦ୍ୟମ ନ୍ୟାୟ ପାଇଁ ଏସ୍‌ପିଙ୍କୁ ଦାବି ଜଣାଇଲେ ସାମ୍ବାଦିକ

ନୟାଗଡ଼, (ମହାଭାରତ) : ସାମ୍ବାଦିକ ଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରି ଗଣମାଧ୍ୟମ କଣ୍ଠରୋଧ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଆଜି ଏହାକୁ ନେଇ ସଦରମହକୁମାର ବହୁ ସାମ୍ବାଦିକ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ଭେଟି ନ୍ୟାୟ ପାଇଁ ଦାବି ରଖିଛନ୍ତି। ଏହା ସହିତ ଜିଲ୍ଲାର ବିଭିନ୍ନ ଥାନା ଅଧିକାରୀଙ୍କ ଜରିଆରେ ଏସ୍ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାରେ ବିଗତ କିଛି ଦିନ ହେବ ସାମ୍ବାଦିକ ମାନେ କିଛି ଅସାମାଜିକ ବ୍ୟକ୍ତି ପାଇଁ ଭୟ ଓ ଆଶଙ୍କା ମଧ୍ୟରେ କାଳାତିପାତ କରୁଛୁ। ଦୁଇ ଜଣ ସାଇବର ମାଫିଆ ଜିଲ୍ଲାର ବହୁ ସାମ୍ବାଦିକଙ୍କ ସମେତ ଦୈନିକ 'ସକାଳ' ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କୁ ଟାର୍ଗେଟ କରି ତାଙ୍କର ଏବଂ ତାଙ୍କ ପରିବାର ସଦସ୍ୟଙ୍କ ଚରିତ୍ରସଂହାର କରି ଫେସବୁକରେ ପୋଷ୍ଟ କରିଥିଲେ। ଏହାକୁ ନେଇ ଗତ ୩୦ ତାରିଖରେ ଅନିଲ କୁମାର ପଣ୍ଡା ନୟାଗଡ଼ ଟାଉନ ଥାନା ରେ ଏତଲା ଦେଇଥିଲେ। ଟାଉନ ଥାନା ପୁଲିସ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ ସାଇବର ମାଫିଆଙ୍କୁ ଗିରଫ କରିଥିଲା। ଏହାପରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଟାଉନ ଥାନା ଆଗରେ ଧାରଣା ଦେବା ସହ ସାମ୍ବାଦିକ ଅନୀଲ କୁମାର ପଣ୍ଡାଙ୍କ ନାମରେ ଏକ ମିଥ୍ୟା ମକୋଦ୍ଦମା ଦାୟର କରିଛନ୍ତି। ଜଣେ ମହିଳାଙ୍କୁ ପ୍ରାୟୋଜିତ ଭାବେ ବ୍ୟବହାର କରି ଅନୀଲ ଙ୍କ ନାମରେ ମିଥ୍ୟା ଅସଦାଚରଣ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଟାଉନ ଥାନାରେ ୧୫୪/୨୬ରେ ମାମଲା ରୁଜୁ ହୋଇଛି। ଗଣମାଧ୍ୟମର କଣ୍ଠରୋଧ କରିବା ଉଦ୍ଦେଶ୍ୟରେ ଏଭଳି ପ୍ରାୟୋଜିତ ମିଥ୍ୟା ଏତଲାକୁ ନୟାଗଡ ସାମ୍ବାଦିକ ସଂଘ ନିନ୍ଦା କରିବା ସହ ମାମଲାର ସଠିକ୍ ଭାବେ ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ଦାବି ରଖିଛି। କୌଣସି ଚାପର ବଶବର୍ତ୍ତୀ ନହୋଇ ପୁଲିସ ଉଚିତ୍ ପଦକ୍ଷେପ ଗ୍ରହଣ କରିବ ସାମ୍ବାଦିକ ମାନେ ଆଶା କରିଛନ୍ତି। ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ବହୁ ସାମ୍ବାଦିକ ନୟାଗଡ଼ ଏସ୍ ?ପିଙ୍କୁ




ଭେଟି ଦାବି ଉପସ୍ଥାପନ କରିବା ସହ ସଠିକ ତଦନ୍ତ ଓ ନ୍ୟାୟ ଦାବି କରିଛନ୍ତି। ଏହା ସହିତ ଜିଲ୍ଲାର ଅନେକ ଥାନାରେ ବ୍ଲକ ସ୍ତରରେ କାର୍ଯ୍ୟରତ ସାମ୍ବାଦିକ ମାନେ ସ୍ଥାନୀୟ ଥାନା ଜରିଆରେ ଏସ୍ ?ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସମାନ ଭାବେ ଓଡ଼ଗାଁ ରେ ଅଶୋକ ମହାପାତ୍ର ଓ ସାରସ କୁମାର ମିଶ୍ର, ଦଶପଲ୍ଲା ପ୍ରେସ କ୍ଲବ ସଭାପତି ସୁରେଶ ଚନ୍ଦ୍ର ବେହେରା ଓ ପ୍ରଶାନ୍ତ କୁମାର ସାହୁ, ଗଣିଆ ରେ ଦେବୀ ପ୍ରସାଦ ଦାଶ, ଖଣ୍ଡପଡ଼ା ରେ ଚିତ୍ତରଞ୍ଜନ ମିଶ୍ର, ଭାପୁର ରେ ଶୁଭେନ୍ଦ୍ର ପଟ୍ଟନାୟକ, ରଣପୁର ରେ ପ୍ରସନ୍ନ ସାମନ୍ତରାୟ, ନୂଆଗାଁ ରେ ହୃଦୟାନନ୍ଦ ସାସମଲ, ଶରଣକୁଳ ରେ ଜୟକୃଷ୍ଣ ସାହୁ ଓ ରିପନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି।

## ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ଅଭିଯୋଗରେ ୩ କୋର୍ଟ ଚାଲାଣ




କଣିହାଁ, (ମହାଭାରତ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ବାଲିପସି ଗ୍ରାମ ପଞ୍ଚାୟତରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ମାଡ଼ମାରି ଓ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ତିନି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।ପୋଲିସ ସୂତ୍ରରୁ ପ୍ରକାଶ ବାଲିପଶି ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ ବିଷ୍ଣୁଚରଣ ପ୍ରଧାନ ନିଶାସକ୍ତ ଅବସ୍ଥାରେ ପଞ୍ଚାୟତ କାର୍ଯ୍ୟାଳୟରେ ପସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ବେହେରାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିବା ରେଙ୍ଗାଳି ଥାନାରେ ଅଭିଯୋଗ ହୋଇଥିଲା। ଏହା ସହ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ କଣିହାଁ ବିଡିଓଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରାଯାଇଥିଲା। ରେଙ୍ଗାଳି ପୋଲିସ ତରଫରୁ ବାଲିପସି ଗ୍ରାମପଞ୍ଚାୟତର ନାଏବ ସରପଞ୍ଚଙ୍କ ସ୍ୱାମୀ ବିଷ୍ଣୁଚରଣ ପ୍ରଧାନ(୩୮) ଓ ତାଙ୍କ ସହଯୋଗୀ ରାଜୁ ସାହୁ(୨୪) କୁ ପୋଲିସ ଗିରଫ କରିଥିବା ବେଳେ ଦୁଇ ଅଭିଯୁକ୍ତଙ୍କୁ ନିଜ ଘରେ ଆଶ୍ରୟ ଦେଉଥିବା ଅଭିଯୋଗରେ ବାଲିପସି ଗ୍ରାମର ନିଶାକର ବେହେରା (୩୨) କୁ ଗିରଫ କରି ଆଜି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚଞ୍ଚଳା ନାୟକ ସୂଚନା ଦେଇଛନ୍ତି।

## ଚୋର ଚିହ୍ନେଇଲା କୁକୁର !

ବ୍ରହ୍ମଗିରି, (ମହାଭାରତ) : ବ୍ରହ୍ମଗିରି ବ୍ଲକ ତରମାଳ ଗ୍ରାମର ଆରାଧ୍ୟ ଦେବୀ ମାଆ ମଙ୍ଗଳାଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କା ଚୋରୀ । ଚୋରି ହୋଇଥିବା ଦାନ ବାକ୍ସ ଗ୍ରାମ ଠାରୁ ପ୍ରାୟ ୫ କି:ମି ଦୁର ସାହୁପଡ଼ା ଗହିରରୁ ମିଳିଛି । ମିଳିଥିବା ଦାନ ବାକ୍ସରୁ ବଡ ବଡ ନୋଟ କୁ କାଢ଼ିନେଇ କେତେକ ଖୁଚୁରା ଟଙ୍କା ରଖିଦେଇ ବାକ୍ସ କୁ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ସୁଚନା ଅନୁସାରେ ଗତକାଲି ରାତି ୩ଟା ସମୟରେ ତରମାଳ ଗ୍ରାମରେ ଥିବା ମଙ୍ଗଳାଙ୍କ ମନ୍ଦିରର ପୂଜକ ମାଆଙ୍କ ପୂଜାର୍ଚ୍ଚନା ପାଇଁ ମନ୍ଦିରକୁ ଯାଇଥିଲେ ଆଉ ସେଠାରେ ମାଆଙ୍କ ଦାନବାକ୍ସ ଦେଖିବାକୁ ମିଳିନଥିଲା । ମନ୍ଦିରର ପୂଜକ ଗ୍ରାମବାସୀଙ୍କୁ ଜଣାଇଥିଲେ । ଗ୍ରାମବାସୀ ଥାନାରେ କରିଥିଲେ ଲିଖିତ ଅଭିଯୋଗ। ଅଭିଯୋଗ କୁ ଭିତ୍ତିକରି ବ୍ରହ୍ମଗିରି ଥାନା ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲା । ପୁରୀ ଜିଲ୍ଲା ସାଇଣ୍ଟିଫିକ୍ ଟିମ୍ ମଧ ପହଞ୍ଚିଥିଲା ଘଟଣା ସ୍ଥଳରେ ଆଉ ସନ୍ଧାନି କୁକୁର ସାହାଯ୍ୟରେ କରିଥିଲା ତଦନ୍ତ । ହୁଣ୍ଡି ପଡ଼ିଥିବା ସ୍ଥାନରୁ ସନ୍ଧାନି କୁକୁର ତରମାଳ ଗାଁ ପର୍ଯ୍ୟନ୍ତ ଯାଇ ଜଣଙ୍କ ଘରେ ପହଞ୍ଚିଥିଲା । ଏବଂ ଚୋରି ସନ୍ଦେହରେ କୁକୁରର ଚିହ୍ନଟ ଅନୁସାରେ ଜଣକୁ ପୋଲିସ୍ ଅଟକ ରଖି ପଚରାଉଚରା କରୁଛି।

## ଏମଭି-୭୯ରେ ହେବ ଅତ୍ୟାଧୁନିକ ଜିମ୍ : ଯୁବପିଢ଼ୀଙ୍କ ମଧ୍ୟରେ ଉତ୍ସାହ

ମାଲକାନଗିରି, (ମହାଭାରତ) : ଏମଭି-୭୯ ଅଞ୍ଚଳରେ ଖୁବ୍ ଶୀଘ୍ର ଏକ ଅତ୍ୟାଧୁନିକ ଜିମ୍ ସ୍ଥାପନ ହେବାକୁ ଯାଉଥିବା ସୂଚନା ମିଳିବା ପରେ ଅଞ୍ଚଳର ଯୁବପିଢ଼ୀଙ୍କ ମଧ୍ୟରେ ଖୁସି ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଏମଭି-୭୯ରେ ପୂର୍ବରୁ ଚାଉଳ ବଣ୍ଟନ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଥିବା ଗୃହଟିକୁ ମରାମତି କରି ଜିମ୍ ସେଣ୍ଟର୍‌ରେ ପରିଣତ କରାଯିବାକୁ ଯୋଜନା ହୋଇଛି। ସୂଚନା ଅନୁଯାୟୀ, ପ୍ରାୟ ୨.୫ ଲକ୍ଷ ଟଙ୍କା ବ୍ୟୟରେ ଗୃହଟିର ତଳ ମରାମତି, ସିଲିଂ ସହ ଅନ୍ୟାନ୍ୟ କାମ ଚାଲିଛି ଏବଂ ଏହି ମାସ ୩୦ ତାରିଖ ସୁଦ୍ଧା କାମ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। କାମ ଶେଷ ହେବା ପରେ ଏଠାରେ ଯୁବମାନଙ୍କ ପାଇଁ ଆଧୁନିକ ଜିମ୍ ସୁବିଧା ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏହି ସ୍ଥାନଟି କଲେଜ, ସ୍କୁଲ ଓ ଖେଳ ପଡ଼ିଆ ନିକଟରେ ଥିବାରୁ ଜିମ୍ ପାଇଁ ଉପଯୁକ୍ତ ସ୍ଥାନ ବୋଲି ମନେ କରାଯାଉଛି। ଏହି ପ୍ରକଳ୍ପ ପାଇଁ ସରପଞ୍ଚ ସତ୍ୟ ମାଡକାମି ପ୍ରସ୍ତାବ ଦେଇଥିବାରୁ ଅଞ୍ଚଳବାସୀ ଓ ଯୁବପିଢ଼ୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅଞ୍ଚଳରେ ଦୀର୍ଘଦିନ ଧରି ଏକ ଜିମ୍ ସେଣ୍ଟର୍ ସ୍ଥାପନ ପାଇଁ ଦାବି ହୋଇଆସୁଥିଲା। ବର୍ତ୍ତମାନ ସରକାରୀ ତତ୍ପରତା ଓ ସ୍ଥାନୀୟ ଯୁବମାନଙ୍କ ଆଗ୍ରହ ଫଳରେ ଏହା ସାକାର ହେବାକୁ ଯାଉଥିବାରୁ ସମସ୍ତଙ୍କ ମଧ୍ୟରେ ଆଶା ବଢ଼ିଛି। ପ୍ରତିଦିନ ଅଞ୍ଚଳର ଯୁବମାନେ କାମର ତଦାରଖ କରୁଥିବା ବେଳେ ଗୁଣବତ୍ତାପୂର୍ଣ୍ଣ ଓ ଶୀଘ୍ର କାମ ସମାପ୍ତ କରିବାକୁ ଦାବି କରିଛନ୍ତି। ଯୁବମାନଙ୍କ କହିବା ଅନୁଯାୟୀ, "ଏହି ଜିମ୍ ଆମ ଅଞ୍ଚଳର ଯୁବପିଢ଼ୀଙ୍କ ପାଇଁ ବହୁତ ଉପକାରୀ ହେବ। ଏହାର ନିର୍ମାଣ ଠାରୁ ଆରମ୍ଭ କରି ରକ୍ଷଣାବେକ୍ଷଣ ପର୍ଯ୍ୟନ୍ତ ଆମେ ସହଯୋଗ କରିବୁ।" ସୂଚନାଯୋଗ୍ୟ ଯେ, ଏମଭି-୭୯ ଅଞ୍ଚଳରେ ଯୁକ୍ତ ତିନି ମହାବିଦ୍ୟାଳୟ, ଯୁକ୍ତ ଦୁଇ କଲେଜ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ରହିଛି। ତେଣୁ ଏହି ଜିମ୍ ସ୍ଥାପନ ହେଲେ କେବଳ ଏମଭି-୭୯ ନୁହେଁ, ଆଖପାଖ ଅଞ୍ଚଳର ଅନେକ ଯୁବକ-ଯୁବତୀ ମଧ୍ୟ ଉପକୃତ ହେବେ।

## ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ ମଳୟ ନାୟକ : ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ

ରାୟଗଡ଼ା, (ମହାଭାରତ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକର (ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ) ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକ। ନାୟକଙ୍କ ନାମରେ ଅଭିଯୋଗ ଆସିବା ପରେ ଆଜି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଭିଜିଲାନ୍ସ ଅଧିକାରୀ ବୈଦେଇ ବେହେରାଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ାଉ ଜାରି ରଖିଛି। ରାୟଗଡ଼ା ରୋହିତ କଲୋନୀରେ ଥିବା ସହକାରୀ ଯନ୍ତ୍ରୀଙ୍କ ଭଡ଼ାଘର ସମେତ ବ୍ରହ୍ମପୁରର ୬ଟି ସ୍ଥାନକୁ ମିଶାଇ ମୋଟ ୭ଟି ଜାଗାରେ ଏହି ସର୍ଚ୍ଚ ଅପରେସନ ଚାଲିଛି। ଚଢ଼ାଉ



ସମୟରେ ଭିଜିଲାନ୍ସ ଟିମ୍ ସହକାରୀ ଯନ୍ତ୍ରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଯାଞ୍ଚ କରିବା ସହ ଘରେ ଥିବା ବିପୁଳ ପରିମାଣର ସୁନା ଅଳଙ୍କାର, ବ୍ୟାଙ୍କ କାଗଜପତ୍ର, ଇନସ୍ୟୁରେନ୍ସ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି। ତେବେ ବର୍ତ୍ତମାନ ସୁଦ୍ଧା ମୋଟ କେତେ ପରିମାଣର ସମ୍ପତ୍ତି ଠାବ ହୋଇଛି, ସେ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ବା ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ। ସେପଟେ ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତିର ଆକଳନ ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି।

## ପାରାଦୀପ ବନ୍ଦର ପକ୍ଷରୁ ବାର୍ଷିକ ପୁରସ୍କାର ନାଇଟ ୨୦୨୬ ଆୟୋଜିତ

ପାରାଦୀପ, (ମହାଭାରତ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ପାରାଦୀପ ସ୍ଥିତ ମେଫେୟାର ବେ ରିସର୍ଟ (ଅର୍କିଡ୍ ହଲ୍) ରେ 'ବାର୍ଷିକ ପୁରସ୍କାର ନାଇଟ ୨୦୨୬' ଓ ବନ୍ଦର ବ୍ୟବହାରକାରୀ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ବିଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ର ସଫଳତାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ବ୍ୟବହାରକାରୀ ବା ଷ୍ଟେକହୋଲ୍‌ଡରଙ୍କ ଅସାଧାରଣ ଅବଦାନ ଓ ସଫଳତାକୁ ସ୍ୱୀକୃତି ଦେବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ରପ୍ତାନିକାରୀ, ଆମଦାନିକାରୀ, ଅଧିକାରୀ, କର୍ମଚାରୀ ସଂଘ, ପିପିପି ଅପରେଟର, ଷ୍ଟିଭେଡୋର, ସିପିଙ୍ଗ ଏଜେଣ୍ଟ, ରେଳବାଇ, କଷ୍ଟମ୍ସ ଏବଂ ରାଜ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦଙ୍କ ସହ ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଷ୍ଟେକହୋଲ୍‌ଡର ମାନଙ୍କୁ ଆୱାର୍ଡ ସହ ପୁରସ୍କାର ରାଶି ପ୍ରଦାନ କରି ସମ୍ମାନିତ କରିଥିଲେ। ନିଜ




ବକ୍ତବ୍ୟରେ ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ ଯେ, ପାରାଦୀପ ବନ୍ଦର ପ୍ରାଧିକରଣ ଅଭୂତପୂର୍ବ ପ୍ରଗତି ପଥରେ ଅଗ୍ରସର ହେଉଛି ଏବଂ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏକ ପ୍ରମୁଖ ବନ୍ଦର ଭାବେ ପରିଚିତ ହେଉଛି। ସେ ବନ୍ଦରର ସମସ୍ତ ଷ୍ଟେକହୋଲ୍‌ଡର, ରପ୍ତାନିକାରୀ, ଆମଦାନିକାରୀ ଏବଂ ଜାହାଜ ମାଲିକମାନଙ୍କର ଅତୁଟ ବିଶ୍ୱାସ ଓ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ, ଗତ ଚାରି ବର୍ଷରେ ପାରାଦୀପ ବନ୍ଦର ପ୍ରାୟ ୯% କମ୍ପାଉଣ୍ଡ ଆନୁଆଲ୍ ଗ୍ରୋଥ ରେଟ୍ ହାସଲ କରିଛି, ଯାହା ଜାତୀୟ ସାମୁଦ୍ରିକ ବନ୍ଦର ଖ୍ୟାତିର ସାଧାରଣ ୪% ବୃଦ୍ଧି ହାରରୁ ଦୁଇଗୁଣା ଅଧିକ। ଏହି ଅସାଧାରଣ ପ୍ରଦର୍ଶନ ପାରାଦୀପ ବନ୍ଦର କୁ ଦେଶର ଅନ୍ୟାନ୍ୟ ପ୍ରମୁଖ ବନ୍ଦରଗୁଡ଼ିକୁ ପଛରେ ପକାଇବା ସହ ୧୯୬୬ ରୁ ଆରମ୍ଭ ହୋଇଥିବା ବନ୍ଦର ଇତିହାସରେ ସର୍ବଶ୍ରେଷ୍ଠ ସଫଳତା ହାସଲ କରିବାରେ ସକ୍ଷମ କରିଛି। ସମ୍ପ୍ରତି ଲୌହ ଧାତୁ ପରିବହନରେ ୧୦ ମିଲିୟନ୍ ଟନ୍ ରୁ ଅଧିକ ହ୍ରାସ ଏବଂ ନବୀକରଣ ଶକ୍ତି ଉପରେ ଦେଶର ବୃଦ୍ଧିଶୀଳ ନିର୍ଭରଶୀଳତା ଫଳରେ କୋଷ୍ଟାଲ ଥର୍ମାଲ କୋଲ୍ ପରିବହନ ସ୍ଥିର ରହିଥିଲେ ମଧ୍ୟ ବନ୍ଦରର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ବୋଲି ସେ କହିଥିଲେ। ଭାରତ ସରକାରଙ୍କ ଆମଦାନି ପ୍ରତିସ୍ଥାପନ ନୀତି ଓ ବିଦେଶୀ ମୁଦ୍ରା ସଞ୍ଚୟ ଉଦ୍ୟମ ଫଳରେ ଦେଶୀୟ କୋଇଲା ଚାହିଦା ବହୁ ଗୁଣ ବଢ଼ିବ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ବୃଦ୍ଧିଶୀଳ ଚାହିଦାକୁ ପୂରଣ କରିବା ପାଇଁ ପାରାଦୀପ ବନ୍ଦର ଏକ ବିଶାଳ ଭିତ୍ତିଭୂମି ବିସ୍ତାର ପରିକଳ୍ପନା ଆରମ୍ଭ କରିଛି। ବର୍ତ୍ତମାନ ବନ୍ଦରରେ ୧୮ଟି ବର୍ଥ ଚାଲୁଥିବା ବେଳେ ଆସନ୍ତା ଦୁଇରୁ ତିନି ମାସ ମଧ୍ୟରେ ଅଧିକ ୫ଟି କେପ୍-ଏନେବଲ୍ ବର୍ଥ ଯୋଗ ହେବାକୁ ଯାଉଛି, ଯାହା ମୋଟ ବର୍ଥ ସଂଖ୍ୟାକୁ ୨୩ କୁ ବୃଦ୍ଧି କରିବ। ସେହିପରି ଅବଶିଷ୍ଟ ୪ଟି ସେମି-ମେକାନାଇଜ୍‌ଡ ବର୍ଥକୁ ପୂରାପୂରି ମେକାନାଇଜ୍‌ଡ କରାଯିବ ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ସୂଚନା ଦେଇଥିଲେ। ଅଧ୍ୟକ୍ଷ ଆହୁରି କହିଥିଲେ ଯେ, ଶୀଘ୍ର ଏକ ସ୍ୱତନ୍ତ୍ର କଣ୍ଟେନର ଟର୍ମିନାଲ୍ ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ତତ ସହିତ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ ଏବଂ ଲିକୁଇଡ୍ କାର୍ଗୋ ପାଇଁ ନିର୍ଦ୍ଦିଷ୍ଟ ବର୍ଥ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଚାଲିଛି। ଏହି ସମସ୍ତ ପଦକ୍ଷେପ ଫଳରେ ୨୦୩୦ ସୁଦ୍ଧା ବନ୍ଦରର ପଣ୍ୟ ପରିଚାଳନା କ୍ଷମତା ୨୯୦ ମିଲିୟନ୍ ଟନ୍‌ରୁ ବୃଦ୍ଧି ପାଇ ୩୫୦ ମିଲିୟନ୍ ଟନ୍ କୁ ପହଞ୍ଚିବ ଏବଂ ପାରାଦୀପ ବନ୍ଦର ଦେଶର ସର୍ବବୃହତ କ୍ଷମତାସମ୍ପନ୍ନ ବନ୍ଦର ଭାବେ ପରିଚିତ ହେବ। "ଇଜ୍ ଅଫ୍ ଡୁଇଂ ବିଜନେସ୍" କୁ ପ୍ରାଥମିକତା ଦେଇ ବନ୍ଦରକୁ ଏକ ଗ୍ରାହକ-ମୁଖୀ "ସ୍ମାର୍ଟ ପୋର୍ଟ" ରେ ପରିଣତ କରିବା ଦିଗରେ ବନ୍ଦର ପ୍ରଶାସନ ପ୍ରତିବଦ୍ଧ ବୋଲି ଶ୍ରୀ ହରନାଦ କହିଥିଲେ। ସେ ଜାନୁଆରୀ ୧ ରୁ ଏଣ୍ଟରପ୍ରାଇଜ୍ ବିଜନେସ୍ ସିଷ୍ଟମ୍ ସଫଳ ଭାବେ କାର୍ଯ୍ୟକାରି ହୋଇଥିବା ଓ ଏହାକୁ ଶୀଘ୍ର ଅନୁକୂଳ କରିଥିବା ସମସ୍ତ ବ୍ୟବହାରକାରୀ ଙ୍କୁ ଧନ୍ୟବାଦ ଜଣାଇଥିଲେ। ଆୱାର୍ଡ ନାଇଟ୍ ୨୦୨୬ ପାରାଦୀପ ପୋର୍ଟର ଅପରେସନାଲ୍ ଏକ୍ସିଲେନ୍ସ, ସ୍ଥାୟୀ ଉନ୍ନତି ଓ ନବୀନତା ଦିଗରେ ଅଗ୍ରଗତିରେ ସମସ୍ତ ଷ୍ଟେକହୋଲ୍‌ଡରଙ୍କ ଏକତା, ସହଯୋଗ ଓ ଅବଦାନକୁ ଉତ୍ସବମୁଖର ଭାବେ ପାଳନ କରିଥିଲା। ପାରାଦୀପ ବନ୍ଦର ପ୍ରାଧିକରଣ ର ଉପ-ସଂରକ୍ଷକ କ୍ୟାପ୍ଟେନ୍ ଅଲେଖ ଚରଣ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ ଏବଂ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରିଥିଲେ।

# ଏଆଇ ଖାଉଛି ସବୁ ଚାକିରି ! ଏବେ ଛାତ୍ରଛାତ୍ରୀଙ୍କ ବଡ଼ ଚିନ୍ତା

ନୂଆଦିଲ୍ଲୀ : ଏଆଇ କେବଳ ଚାକିରି ଖାଉନି, ଏହା ପାଠପଢ଼ା କ୍ଷେତ୍ରକୁ ବି ପ୍ରଭାବିତ କଲାଣି। ବର୍ତ୍ତମାନ ଏଆଇର ଯୁଗରେ ଛାତ୍ରଛାତ୍ରୀ କେଉଁ ବିଷୟରେ ଭବିଷ୍ୟତ ଗଢ଼ିବେ ସେ ନେଇ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ଏହି ଏଆଇ ଟେକ୍ନୋଲୋଜୀ ଶିଳ୍ପଗୁଡ଼ିକୁ ରୂପାନ୍ତରିତ କରୁଛି ଏବଂ ପାରମ୍ପରିକ କାର୍ଯ୍ୟ ପାଇଁ ଆବଶ୍ୟକୀୟ ପଦବୀର ଚାହିଦାକୁ ପୂରା ବଦଳାଇ ଦେଉଛି। କୋଡିଂ ଠାରୁ କନସଲ୍‌ଟିଂ ପର୍ଯ୍ୟନ୍ତ ଏଆଇପରିଚାଳନା କରୁଥିବାରୁ ନିଯୁକ୍ତି କେଉଁ ଦିଗରେ ମିଳିବ ସେ ନେଇ ସମସ୍ତେ ଚିନ୍ତାରେ। କନସଲ୍‌ଟିଂ, ଫାଇନାନ୍ସ, ମାର୍କେଟିଂ ଏବଂ ମ୍ୟାନେଜମେଣ୍ଟ ଆଦି ଭଳି କିଛି କାର୍ଯ୍ୟକୁ ଏଆଇ ସ୍ୱୟଂଚାଳିତ କରିବା ଆରମ୍ଭ କଲାଣି। ଆଗକୁ ଏ ଦିଗରେ ନିଯୁକ୍ତି ହୋଇ ନପାରେ। ତେଣୁ ଏ ଦିଗରେ ପାଠ ପଢ଼ି ଆଉ ଲାଭ ନାହିଁ। ଏଥିପାଇଁ ଅନେକ ଛାତ୍ରଛାତ୍ରୀ ମହଙ୍ଗା ଗଇଇ ଡିଗ୍ରୀରେ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଏପଟେ ଦ୍ୱନ୍ଦ୍ୱରେ ଥିବା ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ପାଇଁ ବିଜନେଶ ସ୍କୁଲଗୁଡ଼ିକ ଗଇଇ ପ୍ରୋଗ୍ରାମରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେଉଛନ୍ତି। ଏସବୁ ଦୃଶ୍ୟ ବର୍ତ୍ତମାନ ପାଇଁ ଆମେରିକାରେ ଉତ୍କଟ ହେଲାଣି। ଖୁବ୍‌ଶୀଘ୍ର ଭାରତରେ ବି ଅବସ୍ଥା ସମାନ ହୋଇପାରେ। ତେଣୁ ଏବେ ଠାରୁ ଛାତ୍ରଛାତ୍ରୀମାନେ ଏ ନେଇ ସତର୍କ ହୋଇଗଲେଣି। ଆମେରିକା ଖବରକାଗଜ 'ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ଏକ ରିପୋର୍ଟ ଅନୁଯାୟୀ, ପର୍ଡୁ ବିଶ୍ୱବିଦ୍ୟାଳୟର ମିଚ୍ ଡାନିଏଲ୍ସ ସ୍କୁଲ୍ ଅଫ୍ ବିଜନେସ୍ ଏହାର ଅନଲାଇନ୍ ଏମ.ବି.ଏ. ପ୍ରୋଗ୍ରାମର ଟ୍ୟୁସନ୍ ଫିସ୍ ୪୦ ପ୍ରତିଶତ ହ୍ରାସ କରି ଦେଇଛି। ଏଥିରେ ଦେଶ ବାହାରର ଛାତ୍ରଛାତ୍ରୀଙ୍କ ପାଇଁ ଖର୍ଚ୍ଚ $୬୦,୦୦୦ (ପ୍ରାୟ ୫୭ ଲକ୍ଷ ଟଙ୍କା) ରୁ $୩୬,୦୦୦ (ପ୍ରାୟ ୩୪ ଲକ୍ଷ ଟଙ୍କା) କୁ ହ୍ରାସ ପାଇବ।

ସେହିପରି କାଲିଫର୍ନିଆ ବିଶ୍ୱବିଦ୍ୟାଳୟ, ଇରଭାଇନ୍ କଲେଜ ଏହାର ଫ୍ଲେକ୍ସ ଏବଂ ଏକଜିକ୍ୟୁଟିଭ୍ ଏମ.ବି.ଏ. କୋର୍ସ ପାଇଁ ଟ୍ୟୁସନ୍ ଫିସ୍ ୩୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି। ଫଳରେ ଛାତ୍ରଛାତ୍ରୀମାନଙ୍କର $୩୦,୦୦୦ ରୁ $୪୮,୦୦୦ (ପ୍ରାୟ ୨୮ ଲକ୍ଷ ରୁ ୪୫ ଲକ୍ଷ ଟଙ୍କା) ସଞ୍ଚୟ ହେବ।ଜନ୍ସ ହପକିନ୍ସ କେରି ବିଜନେସ୍ ସ୍କୁଲ ମଧ୍ୟ ଚଳିତ ବର୍ଷ ସ୍ୱତନ୍ତ୍ର ମାଷ୍ଟର୍ସ ପ୍ରୋଗ୍ରାମରେ ନାମ ଲେଖାଇଥିବା ମେରିଲ୍ୟାଣ୍ଡ କଲେଜ ସ୍ନାତକଧାରୀଙ୍କୁ ୫୦ ପ୍ରତିଶତ ସ୍କଲାରସିପ୍ ପ୍ରଦାନ କରୁଛି। ଦିନକୁ ଦିନ ଏଆଇର କାର୍ଯ୍ୟ ପରିସର ବଢୁଛି। ତେଣୁ କେତେବେଳେ ଯେ କେଉଁ କାମରେ ଏଆଇର ଏଣ୍ଟ୍ରି ହେବ ସେ ନେଇ ସମସ୍ତଙ୍କ ମନରେ ଦ୍ୱନ୍ଦ୍ୱ ରହିଛି। ତେଣୁ ଏହି ବୃଦ୍ଧି ପାଉଥିବା ଅନିଶ୍ଚିତତା ଅନେକ ବୃତ୍ତିଗତଙ୍କୁ ନିଜର ଦୀର୍ଘକାଳୀନ କ୍ୟାରିଅର ଏବଂ ଶିକ୍ଷା ନିଷ୍ପତ୍ତି ବିଷୟରେ ପୁନର୍ବିଚାର କରିବାକୁ ବାଧ୍ୟ କରୁଛି। ଅନେକ କର୍ମଚାରୀ ତ ଉଚ୍ଚଶିକ୍ଷା ପାଇଁ ଚାକିରି ଛାଡ଼ିବା କିମ୍ବା କ୍ୟାରିଅର ବଦଳାଇବାକୁ ଭୟ କରୁଛନ୍ତି। ସେ ରିସ୍କ ନ ନେଇ ଯେଉଁ ଚାକିରି କରୁଛନ୍ତି, ସେଥିରେ କାଏମ ରହିବାକୁ ପସନ୍ଦ କରୁଛନ୍ତି।

କେତେକଙ୍କ ମନରେ ଭୟ ରହୁଛି ଯେ ଯଦି ଆମେ ଏହି ଷ୍ଟେବଲ ଜବ୍ ଛାଡ଼ିଦେବୁ ତେବେ ଏଆଇ -ଚାଳିତ ଚାକିରି ବଜାରରେ ଆଉ ଏକ ସୁରକ୍ଷିତ ଚାକିରି ଖୋଜିବା କଷ୍ଟକର ହୋଇପାରେ। ଏହିସବୁ ଘଟଣା ଏକାଠି କରି ଭାବିଲା ବେଳକୁ ଛାତ୍ରଛାତ୍ରୀମାନଙ୍କ ମନରେ ଏମବିଏ ଶିକ୍ଷା ପ୍ରତି ଇଚ୍ଛା କମିଯାଉଛି। ପିଲା ଆଡମିଶନ କରୁ ନାହାନ୍ତି, ଯେଉଁଥିପାଇଁ ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରିବା ପାଇଁ ବିଜନେସ ସ୍କୁଲଗୁଡ଼ିକୁ ଭଳି ଭଳି ଲୋଭନୀୟ ଛାତ୍ରବୃତ୍ତି ଏବଂ ଟ୍ୟୁସନ ଫି ହ୍ରାସ ଆଦି ଅଫର ଦେଉଛନ୍ତି।ଶିଳ୍ପ ବିଶେଷଜ୍ଞଙ୍କ ଚେତାବନୀ- ଶିଳ୍ପ ବିଶେଷଜ୍ଞ ଓ ଲିଡରମାନେ ମଧ୍ୟ ଏଆଇ-ଚାଳିତ ଚାକିରି ସମସ୍ୟା ନେଇ ଚିନ୍ତା ପ୍ରକଟ କରିଛନ୍ତି। ସାମ୍ ଅଲ୍‌ଟମ୍ୟାନ୍ ପୂର୍ବରୁ ଏଆଇ-ସମ୍ବନ୍ଧୀୟ ଚାକିରି କ୍ଷତି ବିଷୟରେ ଚେତାବନୀ ଦେଇସାରିଛନ୍ତି। ଥରେ ଏକ୍ସରେ ପୋଷ୍ଟ କରି ଲେଖିଥିଲେ 'ବର୍ତ୍ତମାନର ଅନେକ ଚାକିରି ଚାଲିଯିବ। ମୁଁ ଭାବୁଛି ଆମେ ଅନେକ ନୂଆ ଚାକିରି ବି ସୃଷ୍ଟି ହେବ, ହୁଏତ ସେଗୁଡ଼ିକ ବହୁତ ଭିନ୍ନ ଧରଣରଣ ହୋଇପାରେ।' ଜୁଲାଇ ୨୦୨୫ରେ ଖବରକାଗଜ 'ଦ ଗାର୍ଡିଆନ'କୁ ସାକ୍ଷାତକାର ଦେଇ ଆଡାମ ଡୋର ଏଆଇ ଦ୍ୱାରା ଚାକିରି ଯିବା ନେଇ ଭୟଙ୍କର ଭବିଷ୍ୟବାଣୀ କରିଥିଲେ। ଏଆଇ ଅଧିକ ସ୍ମାର୍ଟ ହେଉଛି, ଦିନେ ଏହା କିଛି କ୍ଷେତ୍ରରେ ମାନବ ଶ୍ରମିକର ସ୍ଥାନ ନେବ। ଡୋରଙ୍କ ଅନୁସାରେ, ଆଗାମୀ ଦୁଇ ଦଶନ୍ଧି ମଧ୍ୟରେ ଲୋକମାନଙ୍କ ଦ୍ୱାରା ସମ୍ପ୍ରତି କରାଯାଉଥିବା ଅଧିକାଂଶ କାର୍ଯ୍ୟ କରିବାକୁ ଏଆଇ ସିଷ୍ଟମଗୁଡ଼ିକୁ ବ୍ୟବହାର କରାଯାଇପାରେ। ବର୍ତ୍ତମାନ ଯୁଗରେ ଏଆଇ, ପ୍ରଫେସନାଲ, ମ୍ୟାନେଜରିଆଲ୍, କିମ୍ବା ପ୍ରଶାସନିକ ଭୂମିକା ଦିଗରେ ଥିବା ଚାକିରିଗୁଡ଼ିକର ସ୍ଥାନ ଅକ୍ତିଆର କରୁଛି। ଏପରି କ୍ଷେତ୍ରରରେ ଏମବିଏ ଭଳି ମ୍ୟାନେଜମେଣ୍ଟ ଡିଗ୍ରୀ କୋର୍ସ ଅଫର କରୁଥିବା ବିଜନେସ ସ୍କୁଲଗୁଡ଼ିକୁ କିପରି ଏହାକୁ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚାଇବେ ସେ ନେଇ ସେମାନଙ୍କର ଚିନ୍ତା ବଢ଼ିଯାଇଛି। ବର୍ତ୍ତମାନ ଏକ ଅନିଶ୍ଚିତ ଚାକିରି ବଜାର ଭିତରେ ପ୍ରବେଶ କରୁଥିବା ନୂଆ ପିଢ଼ି ପାଇଁ ପୂର୍ବରୁ ଥିବା ପାରମ୍ପରିକ ଏମବିଏ କୋର୍ସଗୁଡ଼ିକ ଯେ ଆଗକୁ ପ୍ରାସଙ୍ଗିକ ରହିବ ତାହା ମନେ ହେଉ ନାହିଁ।

## ଜାତିସଂଘରେ ପାକିସ୍ତାନକୁ ଭାରତର ଭର୍ତ୍ସନା: ନରସଂହାର ରେକର୍ଡ଼ ଥିବା ଦେଶ କାଶ୍ମୀର ଉପରେ ଭାଷଣ ଦେବା ବିଡ଼ମ୍ବନାପୂର୍ଣ୍ଣ

ନୂଆଦିଲ୍ଲୀ: ଭାରତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ପାକିସ୍ତାନକୁ ତୀବ୍ର ସମାଲୋଚନା କରିଛି। ଜାତିସଂଘରେ ପାକିସ୍ତାନର ପ୍ରତିନିଧି ଜମ୍ମୁ ଓ କାଶ୍ମୀରର ପ୍ରସଙ୍ଗ ଉଠାଇବା ପରେ ଭାରତ ଇସଲାମାବାଦକୁ ସମାଲୋଚନା କରି କହିଛି ଯେ ଗଣହତ୍ୟାର ରେକର୍ଡ ଥିବା ଦେଶ କାଶ୍ମୀର ଉପରେ ଭାଷଣ ଦେବା ବିଡ଼ମ୍ବନାପୂର୍ଣ୍ଣ। ସଶସ୍ତ୍ର ସଂଘର୍ଷରେ ସାଧାରଣ ନାଗରିକଙ୍କ ସୁରକ୍ଷା ଉପରେ ବାର୍ଷିକ ୟୁଏନ୍‌ଏସ୍‌ସି ଖୋଲା ବିତର୍କରେ ଭାରତର ମନ୍ତବ୍ୟ ଆସିଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି, ରାଷ୍ଟ୍ରଦୂତ ହରିଶ ପାର୍ବଥନେନି କହିଥିଲେ ଯେ, ଏହା ବିଡ଼ମ୍ବନାର ବିଷୟ ଯେ ଦୀର୍ଘକାଳୀନ ଗଣହତ୍ୟା ରେକର୍ଡ ଥିବା ପାକିସ୍ତାନ ଏପରି ପ୍ରସଙ୍ଗଗୁଡ଼ିକୁ ବାଛିଛି ଯାହା ଭାରତର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବିଷୟ। ଚଳିତ ବର୍ଷ ଆରମ୍ଭରେ ଆଫଗାନିସ୍ତାନ ଉପରେ ପାକିସ୍ତାନର ଆକ୍ରମଣ ବିଷୟରେ ଉଲ୍ଲେଖ କରି ପାର୍ବଥନେନି କହିଛନ୍ତି, 'ବିଶ୍ୱ ଭୁଲିନାହିଁ ଯେ ଚଳିତ ବର୍ଷ ମାର୍ଚ୍ଚ ମାସରେ ପବିତ୍ର ରମଜାନ ମାସରେ ପାକିସ୍ତାନ କାବୁଲର ଓମିଦ ହସ୍ପିଟାଲ ଉପରେ ଅତି ବର୍ବର ଭାବେ ବିମାନ ଆକ୍ରମଣ କରିଥିଲା। ଆଫଗାନିସ୍ତାନରେ ମିଳିତ ଜାତିସଂଘ ସହାୟତା ମିଶନ (ୟୁଏନ୍‌ଏଏମ୍‌ଏ)କୁ ଉଦ୍ଧୃତ କରି କହିଛନ୍ତି ଯେ, ଏହି ଭୀରୁତାପୂର୍ଣ୍ଣ ଆକ୍ରମଣରେ ୨୬୯ ଜଣ ସାଧାରଣ ନାଗରିକଙ୍କ ଜୀବନ ଯାଇଛି ଓ ୧୨୨ ଜଣ ଆହତ ହୋଇଛନ୍ତି। ଏହାକୁ କୌଣସି ପ୍ରକାରେ ଯଥାର୍ଥ କରାଯାଇ ପାରିବ ନାହିଁ। ସେ ଏହା ମଧ୍ୟ କହିଛନ୍ତି ଯେ ପାକିସ୍ତାନ ଅନ୍ତର୍ଜାତୀୟ ଆଇନର ଦ୍ୱାହି ଦେଉଥିବାବେଳେ ଅନ୍ଧକାରରେ ନିରୀହ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା କପଟପୂର୍ଣ୍ଣ। ୟୁଏନ୍‌ଏଏମ୍‌ଏ ଅନୁଯାୟୀ, ତରାୱିହ ସନ୍ଧ୍ୟାର ପ୍ରାର୍ଥନା ଶେଷ ହେବା ପରେ ବିମାନ ଆକ୍ରମଣ କରାଯାଇଥିଲା, ଯେତେବେଳେ ଅନେକ ରୋଗୀ ମସଜିଦରୁ ବାହାରକୁ ଆସୁଥିଲେ। ପାର୍ବଥନେନି ୟୁଏନ୍‌ଏଏମ୍‌ଏ ଆକଳନକୁ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଆଫଗାନ ନାଗରିକଙ୍କ ବିରୋଧରେ ସୀମାପାର ସଶସ୍ତ୍ର ହିଂସା ଯୋଗୁଁ ୯୪୦୦୦ ରୁ ଅଧିକ ଲୋକ ବିସ୍ଥାପିତ ହୋଇଥିଲେ।

# ଇବୋଲା ଭାଇରସକୁ ନେଇ ଦିଲ୍ଲୀ ଏୟାରପୋର୍ଟରେ ଆଲର୍ଟ, ସରକାର ଜାରି କଲେ ଆଡଭାଇଜରୀ




ନୂଆଦିଲ୍ଲୀ : ଇବୋଲା ଭାଇରସ ସଂକ୍ରମଣକୁ ନେଇ ଦିଲ୍ଲୀ ଏୟାରପୋର୍ଟରେ ଆଡଭାଇଜରୀ ଜାରି ହୋଇଛି । ଡିଜିଏଚଏସ ଏହି ଭାଇରସକୁ ନେଇ ଆଡଭାଇଜରୀ ଜାରି କରିଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଆଡଭାଇଜରୀରେ କହିଛନ୍ତି, ଇବୋଲା ଭାଇରସରେ ପ୍ରଭାବିତ ଦେଶରୁ ଆସୁଥିବା କିମ୍ବା ସେଠାର ହୋଇ ଯାଉଥିବା ଯାତ୍ରୀଙ୍କ ଉପରେ ଧ୍ୟାନ ଦେବା ଉଚିତ । ହାଇ ଆଲର୍ଟରେ କଙ୍ଗୋ, ୟୁଗାଣ୍ଡା ଏବଂ ଦକ୍ଷିଣ ସୁଡାନ ଯାତ୍ରା କରୁଥିବା ଯାତ୍ରୀଙ୍କ ନିକଟରେ ଇବୋଲା ସମ୍ବନ୍ଧୀୟ କୌଣସି ଲକ୍ଷଣ ଦେଖାଦେଲେ ତାଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରାଯିବା ଜରୁରୀ ।

ଇବୋଲା ଭାଇରସକୁ ନେଇ ଏୟାରପୋର୍ଟରେ ହେଲଥ ସ୍କ୍ରିନିଂ ଏବଂ ତଦାରଖକୁ ବଢାଇ ଦିଆଯାଇଛି । ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସରକାର କହିଛନ୍ତି । ଏହାଦ୍ୱାରା ସଂକ୍ରମଣ ବ୍ୟାପିବାକୁ ରୋକା ଯାଇପାରିବ । ତେବେ ଭାରତରେ ଏବେ କୌଣସି ମାମଲା ସାମ୍ନାକୁ ଆସିନାହିଁ । ତେବେ ସଂକ୍ରମିତ ଦେଶରୁ ଦିଲ୍ଲୀ ଏୟାରପୋର୍ଟକୁ ଆସୁଥିବା ଯାତ୍ରୀଙ୍କର ଯଦି ଜ୍ୱର, ଥକ୍କାପଣ, ମୁଣ୍ଡବିନ୍ଧା, ମାଂସପେଶୀରେ ଦରଜ, ଝାଡା ବାନ୍ତି, ଅସ୍ୱଷ୍ଟ ରକ୍ତସ୍ରାବ ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ, ତେବେ ସେମାନଙ୍କୁ ଅଣଦେଖା କରନ୍ତୁ ନାହିଁ । ଏହି ରୋଗୀ କିମ୍ବା ସନ୍ଦିଗ୍ଧଙ୍କ ରକ୍ତ କିମ୍ବା ଝାଳ ସହିତ ସିଧାସଳଖ ସଂପର୍କ ହୋଇଥିବା ଯାତ୍ରୀଙ୍କୁ ଇମିଗ୍ରେସନ କ୍ଲିଅରାନ୍ସ ପୂର୍ବରୁ ଏୟାରପୋର୍ଟରେ ଥିବା ହେଲଥ ଅଫିସର କିମ୍ବା ହେଲ୍‌ଥ ଡେସ୍କରେ ତୁରନ୍ତ ସୂଚିତ କରିବା ଜରୁରୀ । ଯାତ୍ରୀଙ୍କ ସୁରକ୍ଷା ଏବଂ ଅନ୍ତର୍ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ନିୟମ ହିତରେ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଉପାୟରେ ସହଯୋଗ କରନ୍ତୁ । ଏୟାରପୋର୍ଟ ସ୍ୱାସ୍ଥ୍ୟ ସଗଠନ ତରଫରୁ ଏହା କୁହାଯାଇଛି । ତେବେ ଇବୋଲାର କୌଣସି ଚିକିତ୍ସା ନାହିଁ । କିନ୍ତୁ ପ୍ରାରମ୍ଭିକ ଚିକିତ୍ସା ଏବଂ ଦେଖାଶୁଣା କରିବା ଦ୍ୱାରା ରୋଗୀର ଜୀବନ ବଞ୍ଚାଯାଇପାରିବ । ଶରୀରରେ ପାଣିରେ ଅଭାବ ନ କରିବା, ସଂକ୍ରମଣକୁ କଣ୍ଟ୍ରୋଲ କରିବା ଏବଂ ଜରୁରୀ ଔଷଧ ଖାଇବା ନିହାତି ଜରୁରୀ । ତେଣୁ ସଂକ୍ରମିତ ଲୋକଙ୍କ ଠାରୁ ଦୂରତା ରକ୍ଷା କରନ୍ତୁ । ବାରମ୍ବାର ହାତକୁ ସାବୁନରେ ଧୁଅନ୍ତୁ । ମାସ୍କ ଏବଂ ଗ୍ଲୋଭ୍ସ ବ୍ୟବହାର କରନ୍ତୁ । ଭିଡ଼ ସ୍ଥାନରୁ ସାବଧାନତା ଅବଲମ୍ବନ କରନ୍ତୁ । ଯଦି କୌଣସି ଲକ୍ଷଣ ଦେଖାଦିଏ, ତେବେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ ।

## ୧୦୦ ଫୁଟ ତଳକୁ ଖସିଲା କାର, ୫ ମୃତ

ଉତ୍ତରାଖଣ୍ଡରେ ଭୟାବହ ସଡ଼କ ଦୁର୍ଘଟଣା । ୧୦୦ ଫୁଟ ତଳକୁ ଖସିଲା କାର। ୫ ଜଣଙ୍କ ମୃତ୍ୟୁ, ଜଣେ ଗୁରୁତର। ମୃତକଙ୍କ ମଧ୍ୟରୁ ୪ ଜଣ ଗୋଟିଏ ପରିବାରର ହୋଇଥିବା ବେଳେ ଅନ୍ୟଜଣକ କାର୍ ଚାଳକ ବୋଲି ଜଣାପଡ଼ିଛି। ଅପରାହ୍ନ ପ୍ରାୟ ୨ଟା ବେଳେ ଦୁର୍ଘଟଣା ଘଟିଛି। ମୃତାହତମାନେ ନୈନିତାଲ ଜିଲ୍ଲାର ହୋଇଥିବା ବେଳେ ଗୁରୁତର ବ୍ୟକ୍ତି ଜଣକ ଉତ୍ତରପ୍ରଦେଶ ଲକ୍‌ଷ୍ଣୌ ଅଞ୍ଚଳର ବୋଲି ସୂଚନା ମିଳିଛି। ମୃତାହତମାନେ ହେଲେ ଭୁପେନ୍ଦ୍ର ସିଂ ଚୁଫାଲ, ତାଙ୍କ ପତ୍ନୀ କାଇଡ଼ା ଚୁଫାଲ, ତାଙ୍କର ୧୯ ବର୍ଷୀୟ ପୁଅ ବାସୁ ଚୁଫାଲ ଓ ୧୨ ବର୍ଷର ଝିଅ, ଅନ୍ୟ ମୃତବ୍ୟକ୍ତି ଜଣକ କାର୍ ଚାଳକ ବୋଲି ଜଣାପଡ଼ିଛି। ସେହିପରି ଆହତ ବ୍ୟକ୍ତି ଜଣକ ଲକ୍‌ଷ୍ଣୌର ଅନୁଜ କୁମାର ମିଶ୍ର। ସମସ୍ତେ ଏକ କାର୍ ଯୋଗେ ସ୍ଥାନୀୟ ଅଞ୍ଚଳର ତୀର୍ଥସ୍ଥାନକୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ କାରଟି ଅତ୍ୟଧିକ ଦ୍ରୁତ ବେଗରେ ଆସୁଥିବା ବେଳେ କାର୍ ଉପରେ ନିୟନ୍ତ୍ରଣ ହରାଇଥିଲେ ଚାଳକ।

# ଶୁଭେନ୍ଦୁ ସରକାରଙ୍କ ନିଷ୍ପତ୍ତି, ପଶ୍ଚିମବଙ୍ଗର ସମସ୍ତ ମଦ୍ରାସାରେ ବନ୍ଦେ ମାତରମ୍ ଗାଇବା ବାଧ୍ୟତାମୂଳକ



କୋଲକତା : ପଶ୍ଚିମବଙ୍ଗର ବିଜେପି ସରକାର ଏକ ବଡ଼ ଏବଂ ଐତିହାସିକ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ସମସ୍ତ ମଦ୍ରାସାରେ ପ୍ରତିଦିନ ପ୍ରାର୍ଥନା ସଭା ସମୟରେ ଜାତୀୟ ଗୀତ ବନ୍ଦେ ମାତରମ୍ ଗାନ କରିବାକୁ ବାଧ୍ୟତାମୂଳକ କରାଯାଇଛି । ରାଜ୍ୟର ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି । ପୂର୍ବରୁ ଏହି ନିୟମ କେବଳ ସାଧାରଣ ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଲାଗୁ ଥିବାବେଳେ, ଏବେ ଏହାକୁ ମଦ୍ରାସା ଗୁଡ଼ିକ ପାଇଁ ମଧ୍ୟ ଲାଗୁ କରାଯାଇଛି । ପଶ୍ଚିମବଙ୍ଗର ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ଅଧୀନରେ ଆସୁଥିବା ସମସ୍ତ ସରକାରୀ ମଡେଲ ମଦ୍ରାସା, ସ୍ୱୀକୃତିପ୍ରାପ୍ତ ସରକାରୀ ସହାୟତା ପ୍ରାପ୍ତ ମଦ୍ରାସା, ଅନୁମୋଦିତ ଗଝକ (ମଦ୍ରାସା ଶିକ୍ଷା କେନ୍ଦ୍ର), ଅନୁମୋଦିତ ଝଝକ (ଶିଶୁ ଶିକ୍ଷା କେନ୍ଦ୍ର) ଏବଂ ସମସ୍ତ ସ୍ୱୀକୃତିପ୍ରାପ୍ତ ବେସରକାରୀ (ଅଣ-ସହାୟତା ପ୍ରାପ୍ତ) ମଦ୍ରାସାରେ ଏହି ନିୟମ ଲାଗୁ ହେବ । ଦୈନିକ କ୍ଲାସ୍ ବା ପାଠପଢ଼ା ଆରମ୍ଭ ହେବା ପୂର୍ବରୁ ହେଉଥିବା ସକାଳ ପ୍ରାର୍ଥନା ସଭାରେ ସମସ୍ତଙ୍କୁ ବନ୍ଦେ ମାତରମ୍ ଗାନ କରିବାକୁ ହେବ ଏବଂ ଏହି ନିର୍ଦ୍ଦେଶ ତତ୍କାଳ ପ୍ରଭାବରୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି। ସଂଖ୍ୟାଲଘୁ ବ୍ୟାପାର ଏବଂ ମଦ୍ରାସା ଶିକ୍ଷା ବିଭାଗ ମନ୍ତ୍ରୀ ଖୁଦିରାମ ଟୁଡୁ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଏମିତି ଅନେକ ସରକାରୀ ବିଦ୍ୟାଳୟ ରହିଛି, ଯେଉଁଠାରେ ସାନ୍ତାଳୀ ଭାଷାରେ ପାଠପଢ଼ା ହୁଏ । ଯଦି ସେହି ସବୁ ସ୍କୁଲରେ ବନ୍ଦେ ମାତରମ୍ ଗାନ କରିବା ବାଧ୍ୟତାମୂଳକ ହୋଇପାରୁଛି, ତେବେ ରାଜ୍ୟର ସ୍ୱୀକୃତିପ୍ରାପ୍ତ ମଦ୍ରାସାଗୁଡ଼ିକରେ ଏହାକୁ କାହିଁକି ଲାଗୁ କରାଯାଇପାରିବ ନାହିଁ ? ଏହି ଚିନ୍ତାଧାରାକୁ ଆଧାର କରି ପଶ୍ଚିମବଙ୍ଗ ମଦ୍ରାସା ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଅଫିସିଆଲ ଆଦେଶ ଜାରି କରାଯାଇଛି, ଯାହାଦ୍ୱାରା ସମସ୍ତ ସହାୟତା ପ୍ରାପ୍ତ ମଦ୍ରାସାରେ ବନ୍ଦେ ମାତରମ୍ ଗାଇବାକୁ ବାଧ୍ୟତାମୂଳକ କରାଯାଇଛି । ସୂଚନାଯୋଗ୍ୟ, ଏହା ପୂର୍ବରୁ ମେ' ୧୩ ତାରିଖ ସନ୍ଧ୍ୟାରେ ପଶ୍ଚିମବଙ୍ଗ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟରେ ବନ୍ଦେ ମାତରମ୍ ବାଧ୍ୟତାମୂଳକ କରାଯାଇଥିଲା । ଏବେ ଏହି ନୀତି ମଦ୍ରାସାରେ ମଧ୍ୟ ଲାଗୁ କରାଯିବ ।

## ତାମିଲନାଡୁ କ୍ୟାବିନେଟ୍ : ୨ କଂଗ୍ରେସ ଓ ୨୧ ଟିଭିକେ ବିଧାୟକ ମନ୍ତ୍ରିପଦର ଶପଥ ନେଲେ



ଚେନ୍ନାଇ: ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। ମନ୍ତ୍ରିମଣ୍ଡଳରେ ୨ କଂଗ୍ରେସ ବିଧାୟକ ଓ ୨୧ ଟିଭିକେ ବିଧାୟକ ମନ୍ତ୍ରିପଦର ଶପଥ ନେଇଛନ୍ତି ।ଗୁରୁବାର ସକାଳ ୧୦ଟାରେ ଲୋକଭବନରେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହୋଇଥିଲା। ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ବିଧାୟକମାନଙ୍କୁ ମନ୍ତ୍ରିପଦର ଶପଥ ପାଠ କରାଇଥିଲେ। ଶ୍ରୀନାଥ, ଏସ କମଳି, ସି ବିଜୟଲକ୍ଷ୍ମୀ ଓ ଆରଭି ରଞ୍ଜିତକୁମାରଙ୍କ ସମେତ ଟିଭିକେ ବିଧାୟକମାନେ ପ୍ରାରମ୍ଭରେ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ୨୩ ନୂଆ ମନ୍ତ୍ରୀ ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳର କ୍ଷମତା ୩୩ରେ ପହଞ୍ଚିଛି। କଂଗ୍ରେସ ବିଧାୟକ ରାଜେଶ କୁମାର ଏସ୍ ଓ ପି ବିଶ୍ୱନାଥନ୍ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ମେ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ବିଜୟ, ଅନ୍ୟ ନଅ ଜଣ ବିଧାୟକ ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ମନ୍ତ୍ରିପଦର ଶପଥ ନେଇଥିଲେ। ରାଜେଶ କୁମାର ଏସ୍ ଓ ପି ବିଶ୍ୱନାଥନ୍ ମନ୍ତ୍ରିମଣ୍ଡଳରେ ହୋଇଛନ୍ତି ସାମିଲ କଂଗ୍ରେସ ବିଧାୟକ ରାଜେଶ କୁମାର କନ୍ୟାକୁମାରୀ ଜିଲ୍ଲାର କିଲିୟୁର ନିର୍ବାଚନମଣ୍ଡଳୀର ଜଣେ ଅଭିଜ୍ଞ ରାଜନେତା ଓ ତିନି ଥରର ବିଧାୟକ। ୫୧ ବର୍ଷୀୟ ରାଜେଶ କୁମାର କନ୍ୟାକୁମାରୀ ପଶ୍ଚିମର ପୂର୍ବତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ମଧ୍ୟ। ନିର୍ବାଚନରେ ସେ ଟିଭିକେ ପ୍ରାର୍ଥୀ ଏସ୍ ସାବିନଙ୍କୁ ୧,୩୧୧ ଭୋଟରେ ପରାଜିତ କରିଥିଲେ। ପି ବିଶ୍ୱନାଥନ ମଦୁରାଇର ମେଲୁର ନିର୍ବାଚନ ମଣ୍ଡଳୀରୁ ଜିତିଥିଲେ। ୬୧ ବର୍ଷୀୟ ବିଶ୍ୱନାଥନ ୨,୭୨୪ ଭୋଟରେ ଟିଭିକେ ପ୍ରାର୍ଥୀ ଏ ମଦୁରାଇଭିରନ୍‌ଙ୍କୁ ନିର୍ବାଚନରେ ପରାସ୍ତ କରିଥିଲେ।

# ଏବେ ଗ୍ୟାସ ସିଲିଣ୍ଡରର ବୁକିଂ ପାଇଁ ଦେବାକୁ ପଡିବ ଟଙ୍କା !

ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ବଢ଼ୁଥିବା ଭୂରାଜନୈତିକ ଉତ୍ତେଜନା ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁଁ, ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ନିରନ୍ତର ଚାପ ମଧ୍ୟରେ ରହିଛି। ଏହି ଇନ୍ଧନ ମୂଲ୍ୟ ଗରମ ମଧ୍ୟରେ, ଭାରତର ତୈଳ ବିପଣନ କମ୍ପାନୀଗୁଡ଼ିକ ଆଜି ସକାଳ ୬:୦୦ ଟାରେ ଖଚଏ ଗ୍ୟାସ ସିଲିଣ୍ଡରର ସର୍ବଶେଷ ଦର ପ୍ରକାଶ କରିଛନ୍ତି। ସାଧାରଣ ଲୋକଙ୍କ ବଜେଟକୁ ଆଖି ଆଗରେ ରଖି ଘରୋଇ ରନ୍ଧନ ଗ୍ୟାସ ଗ୍ରାହକମାନେ କିଛି ଆଶ୍ୱସ୍ତି ପାଇଛନ୍ତି। ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ବ୍ୟବସାୟୀମାନଙ୍କ ଚିନ୍ତାକୁ ବୃଦ୍ଧି କରିଛି। ଆସନ୍ତୁ ଆଜି ଆପଣଙ୍କ ସହରରେ ଏକ ଗ୍ୟାସ ସିଲିଣ୍ଡରର ବର୍ତ୍ତମାନର ମୂଲ୍ୟ ଜାଣିବା। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ପ୍ରାୟ ୪ଟଙ୍କା ପ୍ରତି ଲିଟର ବୃଦ୍ଧି ପରେ, ରୋଷେଇ ଗ୍ୟାସର ମୂଲ୍ୟ ମଧ୍ୟ ବୃଦ୍ଧି ପାଇପାରେ ବୋଲି ଆଶଙ୍କା ଥିଲା। ତଥାପି, ସାଧାରଣ ଗ୍ରାହକମାନଙ୍କ ପାଇଁ ଏହା ଏକ ଆଶ୍ୱସ୍ତି ଯେ ତୈଳ କମ୍ପାନୀଗୁଡ଼ିକ ଆଜି ମାନକ ୧୪.୨ କିଲୋଗ୍ରାମ ଘରୋଇ ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହାଁନ୍ତି। ମାର୍ଚ୍ଚ ମାସରେ ଲାଗୁ ହୋଇଥିବା ୬୦ଟଙ୍କା ବୃଦ୍ଧି ପରଠାରୁ, ଘରୋଇ ରନ୍ଧନ ଗ୍ୟାସ ମୂଲ୍ୟ ପୂର୍ବ ସ୍ତରରେ ସ୍ଥିର ରହିଛି। ନୂଆଦିଲ୍ଲୀରେ ଘରୋଇ ସିଲିଣ୍ଡରର ଦାମ୍? ୯୧୩.୦୦ ଟଙ୍କା ହୋଇଥିବାବେଳେ ବାଣିଜ୍ୟିକ ୩,୦୭୧.୫୦ ଟଙ୍କା ରହିଛି। ସେହିପରି କୋଲକାତାରେ ଘରୋଇ ୯୩୯.୦୦ ଓ ବାଣିଜ୍ୟିକ ୩,୨୦୨.୦୦ ରହିଛି। ସେହିପରି ଭୁବନେଶ୍ୱର ୯୩୯ ଟଙ୍କା ରହିଥିବାବେଳେ ବାଣିଜ୍ୟିକ ୩,୨୩୮.୦୦ ରହିଛି।

# ଛଟେଇ ଯୋଗୁଁ ସଂକଟରେ ଭାରତୀୟ ଆଇଟି କର୍ମଚାରୀ




ନ୍ୟୁୟର୍କ: ବିଗତ ଅନେକ ଦଶନ୍ଧି ଧରି ଆମେରିକାର ବୃହତ୍ ପ୍ରଯୁକ୍ତିବିଦ୍ୟା କମ୍ପାନିଗୁଡ଼ିକୁ ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଭାରତୀୟଇଞ୍ଜିନିୟର ଓ ସଫ୍‌ଟୱେର୍ ଡେଭଲପରମାନେ ଏବେ ସିଲିକନ୍ ଭ୍ୟାଲିରେ ଜାରି ରହିଥିବା ବଡ଼ ଧରଣର ଛଟେଇ ଯୋଗୁଁ ଏକ ଗମ୍ଭୀର ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ମେଟା ପକ୍ଷରୁ ପ୍ରାୟ ୮,୦୦୦ କର୍ମଚାରୀଙ୍କୁ ବିଦା କରାଯିବା ସହ ଆମାଜନ ଓ ଲିଙ୍କଡିନ୍ ଭଳି ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକରେ କାର୍ଯ୍ୟ କରୁଥିବା ହଜାର ହଜାର ଭାରତୀୟ ଏବେ ଚାକିରି ହରାଇଛନ୍ତି। କୃତ୍ରିମ ବୁଦ୍ଧିମତା ବା ଏଆଇ କ୍ଷେତ୍ରକୁ ଅଧିକ ପ୍ରାଥମିକତା ଦିଆଯାଉଥିବାରୁ କମ୍ପାନିଗୁଡ଼ିକ ଏଭଳି ପଦକ୍ଷେପ ନେଉଛନ୍ତି। ତେବେ ଜଣେ ଆମେରିକୀୟ ନାଗରିକଙ୍କ ପାଇଁ ଚାକିରି ହରାଇବା କେବଳ ଏକ ଆର୍ଥିକ ସେଟବ୍ୟାକ୍ ହୋଇଥିବା ବେଳେ, ଅଧିକାଂଶ ଭାରତୀୟ ଟେକ୍ କର୍ମଚାରୀ 'ଏଚ୍-୧ବି' ଭିସା ଉପରେ ନିର୍ଭର କରୁଥିବାରୁ ସେମାନଙ୍କ ପାଇଁ ଆମେରିକାରେ ରହିବାର ଅଧିକାର ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମେରିକୀୟ ନିୟମ ଅନୁଯାୟୀ, ଚାକିରି ଯିବାର ମାତ୍ର ୬୦ ଦିନ ମଧ୍ୟରେ ଯଦି ଏହି ଭିସାଧାରୀମାନେ ନୂତନ ନିଯୁକ୍ତିଦାତା ବା ସ୍ପନ୍ସର ସନ୍ଧାନ ନକରିପାରନ୍ତି, ତେବେ ସେମାନଙ୍କୁ ସପରିବାର ଆମେରିକା ଛାଡ଼ିବାକୁ ପଡ଼ିବ। ଏହି ୬୦ ଦିନର ଗ୍ରେସ୍ ପିରିୟଡ୍ କର୍ମଚାରୀଙ୍କ ଶେଷ କାର୍ଯ୍ୟଦିବସରୁ ହିଁ ଗଣନା କରାଯାଉଥିବାରୁ, ବର୍ତ୍ତମାନର ମାନ୍ଦାବସ୍ଥା ଭିତରେ ଏତେ କମ୍ ସମୟ ମଧ୍ୟରେ ନୂଆ ଚାକିରି ପାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ବର୍ଷ ବର୍ଷ ଧରି ଗ୍ରୀନ୍ କାର୍ଡ ଅପେକ୍ଷାରେ ଥିବା, ଆମେରିକାରେ ଘର କିଣିଥିବା ଏବଂ ସେଠାରେ ପିଲାମାନଙ୍କୁ ପାଠ ପଢ଼ାଉଥିବା ଭାରତୀୟ ପରିବାରଗୁଡ଼ିକ ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛନ୍ତି। ଛଟେଇର ଶିକାର ହୋଇଥିବା ଅନେକ କର୍ମଚାରୀ ଆମେରିକାରେ ଅଧିକ କିଛି ମାସ ରହି ଚାକିରି ଖୋଜିବା ପାଇଁ ଅସ୍ଥାୟୀ ଭାବେ 'ବି-୨' ଭିଜିଟର ଭିସାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି, ମାତ୍ର ବର୍ତ୍ତମାନ ଆମେରିକୀୟ କର୍ତ୍ତୃପକ୍ଷ ଏହି ଆବେଦନଗୁଡ଼ିକୁ ମଧ୍ୟ ଅତ୍ୟନ୍ତ କଡ଼ାକଡ଼ି ଭାବେ ଯାଞ୍ଚ କରୁଛନ୍ତି। ଚଳିତ ବର୍ଷ ୧ ଲକ୍ଷ ୧୦ ହଜାରରୁ ଅଧିକ ଆଇଟି କର୍ମଚାରୀ ଚାକିରି ହରାଇଛନ୍ତି । ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ୧ ଲକ୍ଷ ୧୦ ହଜାରରୁ ଅଧିକ ଆଇଟି କର୍ମଚାରୀ ଚାକିରି ହରାଇଛନ୍ତି, ଯେଉଁଥିରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ। ଯଦିଓ ମେଟା ଭଳି କମ୍ପାନି ଗୁଡ଼ିକ ୧୬ ସପ୍ତାହର ବେସ୍ ପେ ଏବଂ ସ୍ୱାସ୍ଥ୍ୟ ବୀମା ଭଳି ସେଭରେନ୍ସ ପ୍ୟାକେଜ୍ ପ୍ରଦାନ କରୁଛନ୍ତି, ତଥାପି ଭିସା ଜନିତ ମାନସିକ ଚାପ ସମସ୍ତ ଆର୍ଥିକ ସହାୟତାକୁ ଫିକା କରିଦେଇଛି। ଏହି କାରଣରୁ ଏକ ସାମ୍ପ୍ରତିକ ସର୍ଭେ ଅନୁଯାୟୀ ପ୍ରାୟ ଅଧା ଭାରତୀୟ କର୍ମଚାରୀ ଏବେ ସ୍ୱଦେଶ ଫେରିବା କିମ୍ବା କାନାଡା ଓ ୟୁରୋପ ଭଳି ବିକଳ୍ପ ଦେଶକୁ ଯିବା ପାଇଁ ଚିନ୍ତା କରୁଛନ୍ତି, ଯାହା ଚିରାଚରିତ ''ଆମେରିକାନ୍ ଡ୍ରିମ୍'' ର ସ୍ୱରୂପକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି।

## ବିସିସିଆଇ ପକ୍ଷରୁ ଘରୋଇ ଖେଳସୂଚୀ ଘୋଷଣା

# ବିଭିନ୍ନ ବର୍ଗରେ ଖେଳାଯିବ ୧୬୮୮ ମ୍ୟାଚ୍



ମୁମ୍ବାଇ: ବିସିସିଆଇ ପକ୍ଷରୁ ୨୦୨୬-୨୭ ଘରୋଇ ଋତୁର ଖେଳସୂଚୀ ଘୋଷଣା କରାଯାଇଛି। ଏବର୍ଷ ବିଭିନ୍ନ ବୟସ ଶ୍ରେଣୀ ଓ ଫର୍ମାଟ୍‌ରେ ତଥା ଉଭୟ ମହିଳା ଓ ପୁରୁଷ ବର୍ଗରେ ମୋଟ ୧୬୮୮ଟି ମ୍ୟାଚ୍ ଖେଳାଯିବ। ପୁରୁଷ ବର୍ଗରେ ବରିଷ୍ଠ, ୨୩ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ବୟସ ଶ୍ରେଣୀରେ ପ୍ରତିଯୋଗିତା ଆୟୋଜନ ହେବ। ସେହିପରି ମହିଳା ବର୍ଗରେ ବରିଷ୍ଠ, ୨୩ ବର୍ଷରୁ କମ୍, ୧୯ ବର୍ଷରୁ କମ୍ ଓ ୧୫ ବର୍ଷରୁ କମ୍ ବୟସ ଶ୍ରେଣୀରେ ପ୍ରତିଯୋଗିତା କରାଯିବ। ୨୩ ଅଗଷ୍ଟରେ ସମ୍ମାନଜନକ ଦୁଲୀପ ଟ୍ରଫିରୁ ନୂଆ ଘରୋଇ ଋତୁ ଶୁଭାରମ୍ଭ ହେବ। ବେଙ୍ଗାଲୁରୁର ବିସିସିଆଇ ଉତ୍କର୍ଷ କେନ୍ଦ୍ରରେ ୬ଟି ଜୋନାଲ୍ ଦଳଙ୍କୁ ନେଇ ପ୍ରତିଯୋଗିତା ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଚାଲିବ। ଅକ୍ଟୋବର ୧ରୁ ଇରାନୀ କପ୍ ଆରମ୍ଭ ହେବ। ରଣଜୀ ଟ୍ରଫି ଓ କର୍ଣ୍ଣଲ୍ ସିକେ ନାଇଡୁ ଟ୍ରଫି ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ରଣଜୀ ଏଲିଟ୍ ଗ୍ରୁପ୍‌ରେ ୩୨ ଦଳ ଓ ପ୍ଲେଟ୍ ଗ୍ରୁପରେ ୬ ଦଳ ରହିବେ। ରଣଜୀ ଏଲିଟ୍‌ର ପ୍ରଥମ ପର୍ଯ୍ୟାୟ ୧୧ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ୧୭ ଜାନୁଆରିରୁ ୪ ଫେବ୍ରୁଆରି ୨୦୨୭ ପର୍ଯ୍ୟନ୍ତ ଖେଳାଯିବ। ପ୍ଲେଟ୍ ଗ୍ରୁପର ପ୍ରଥମ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ୧୧ ଅକ୍ଟୋବରରୁ ୫ ନଭେମ୍ବର ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ୧୭ ଜାନୁଆରିରୁ ୨୦ ଜାନୁଆରି ୨୦୨୭ ପର୍ଯ୍ୟନ୍ତ ଖେଳାଯିବ।

ବିସିସିଆଇ ପକ୍ଷରୁ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା ଅନୁସାରେ ଏଥରର ପୁରୁଷ ୨୩ ବର୍ଷରୁ କମ ଷ୍ଟେଟ୍ 'ଏ' ଟ୍ରଫି ଓ ଭିଜି ଟ୍ରଫି ପୂର୍ବର ଦିନିକିଆ ଫର୍ମାଟ୍ ବଦଳରେ ଟ୍ୱେଣ୍ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ସେହିପରି କୁଚ୍ ବିହାର ଟ୍ରଫିର ନକ୍‌ଆଉଟ୍ ପର୍ଯ୍ୟାୟ ବେଙ୍ଗାଲୁରୁ ଓ ମହୀଶୂରରେ ଖେଳାଯିବ। ୧୬ ବର୍ଷରୁ କମ୍ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ନଭେମ୍ବରରୁ ଜାନୁଆରି ମଧ୍ୟରେ ଖେଳାଯିବ।

**ରଣଜୀ ଟ୍ରଫି ପାଇଁ ଧାର୍ଯ୍ୟ ହୋଇଥିବା ଗ୍ରୁପ୍:**

ଏଲିଟ-ଏ: ଜମ୍ମୁ ଏବଂ କାଶ୍ମୀର, ମଧ୍ୟପ୍ରଦେଶ, ବିଦର୍ଭ, ବରୋଦା, ଉତ୍ତରପ୍ରଦେଶ, ପୁଡୁଚେରୀ, ଗୋଆ।

ଏଲିଟ-ବି: କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ସୌରାଷ୍ଟ୍ର, ଛତିଶଗଡ଼, ହାଇଦ୍ରାବାଦ, ତ୍ରିପୁରା, ପଞ୍ଜାବ, ଆସାମ।

ଏଲିଟ-ସି: ଓଡ଼ିଶା, ବେଙ୍ଗାଲ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ସର୍ଭିସେସ୍, ଗୁଜରାଟ, କେରଳ, ଦିଲ୍ଲୀ।

ଏଲିଟ-ଡି : ଉତ୍ତରାଖଣ୍ଡ, ମୁମ୍ବାଇ, ହରିୟାଣା, ରେଲୱେ, ରାଜସ୍ଥାନ, ତାମିଲନାଡୁ, ହିମାଚଳ ପ୍ରଦେଶ, ଚଣ୍ଡିଗଡ଼।

ପ୍ଲେଟ୍ ଗ୍ରୁପ- ନାଗାଲାଣ୍ଡ, ମଣିପୁର, ମେଘାଳୟ, ସିକିମ୍, ମିଜୋରାମ, ଅରୁଣାଚଳ ପ୍ରଦେଶ।

## ଭାରତ ଏ ଦଳରେ ଅନୁକୂଳ

ନୂଆଦିଲ୍ଲୀ, ୨୧।୫: ନୂଆଦିଲ୍ଲୀ: ଆଇପିଏଲ୍ ୨୦୨୬ ଶେଷ ହେବା ପରେ, ଭାରତ ଏ ଦଳ ଶ୍ରୀଲଙ୍କା ଏବଂ ଆଫଗାନିସ୍ତାନ ବିପକ୍ଷରେ ଏକ ତ୍ରି-ସିରିଜ ଖେଳିବ। ବିସିସିଆଇ ଏହି ସିରିଜ ପାଇଁ ଭାରତ ଏ ଦଳ ଘୋଷଣା କରିଛି, କିନ୍ତୁ ଏବେ ହଠାତ୍ ଏକ ବଡ଼ ପରିବର୍ତ୍ତନ



କରାଯାଇଛି। ଏହି ଗସ୍ତ ପାଇଁ କୋଲକାତା ନାଇଟ୍ ରାଇଡର୍ସର ଷ୍ଟାର ଖେଳାଳି ଅନୁକୂଳ ରୟଙ୍କୁ ସାମିଲ କରାଯାଇଛି।

ସେ ଅଲରାଉଣ୍ଡର ହର୍ଷ ଦୁବେଙ୍କ ସ୍ଥାନ ନେଇଛନ୍ତି। ହର୍ଷ ଆଫଗାନିସ୍ତାନ ବିପକ୍ଷ ସିରିଜ ପାଇଁ ବରିଷ୍ଠ ଭାରତୀୟ ଦଳର ଅଂଶ, ତେଣୁ ସେ ଏହି ତ୍ରି-ସିରିଜରେ ଖେଳିପାରିବେ ନାହିଁ। ଏହା ବୋର୍ଡକୁ ଏହି ପଦକ୍ଷେପ ନେବାକୁ ବାଧ କରିଛି। ହର୍ଷ ଦୁବେଙ୍କୁ ଟିମ୍ ଇଣ୍ଡିଆରେ ସୁଯୋଗ ମିଳିଲା: ହର୍ଷ ଦୁବେ ଆଇପିଏଲ୍ ୨୦୨୬ ରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳୁଛନ୍ତି। ତାଙ୍କୁ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ ଏବଂ ଦିନିକିଆ ସିରିଜ ପାଇଁ ଚୟନ କରାଯାଇଛି। ଘରୋଇ କ୍ରିକେଟରେ ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ତାଙ୍କୁ ପୁରସ୍କୃତ କରାଯାଇଛି। ସେ ୨୭ ପ୍ରଥମ ଶ୍ରେଣୀ ମ୍ୟାଚ୍ ରେ ୧୩୩ ୱିକେଟ୍ ନେଇଛନ୍ତି। ଟିମ୍ ଇଣ୍ଡିଆର ଅଂଶ ହେବାର ଏହା ତାଙ୍କର ପ୍ରଥମ ସୁଯୋଗ। ଅନୁକୂଳ ରୟଙ୍କୁ ଶ୍ରୀଲଙ୍କା ଏବଂ ଆଫଗାନିସ୍ତାନ ବିପକ୍ଷ ତ୍ରି-ସିରିଜ ପାଇଁ ଭାରତ ଏ ଦଳରେ ମନୋନୀତ କରାଯାଇଛି। ସେ କେକେଆର ପାଇଁ ନିରନ୍ତର ଭଲ ପ୍ରଦର୍ଶନ କରିଛନ୍ତି ଏବଂ ଗତ ଘରୋଇ ସିଜିନରେ ଝାଡ଼ଖଣ୍ଡ ପାଇଁ ନିରନ୍ତର ଭଲ ପ୍ରଦର୍ଶନ କରିଛନ୍ତି। ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୪୧ ୱିକେଟ୍ ନେଇଛନ୍ତି ଏବଂ ୧୮୩୪ ରନ୍ କରିଛନ୍ତି। ଡାମ୍ବୁଲା ତ୍ରି-ସିରିଜ ଜୁନ୍ ୯ ତାରିଖରୁ ଆରମ୍ଭ ହେବ।

## ମାଲେସିଆ ମାଷ୍ଟର୍ସ: ପ୍ରଥମ ରାଉଣ୍ଡରୁ ବିଦାୟ ନେଲେ ଲକ୍ଷ୍ୟ

କ୍ୱାଲାଲୁମ୍ପୁର, ୨୧।୫: ମାଲେସିଆ ମାଷ୍ଟର୍ସ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍‌ର ଦ୍ୱିତୀୟ ଦିନରେ ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ଭାରତର ଏକ ନମ୍ବର ତାରକା ତଥା ଅଷ୍ଟମ ସିଡ୍ ଲକ୍ଷ୍ୟ ସେନ୍ ପ୍ରଥମ



ରାଉଣ୍ଡରୁ ହିଁ ବିଦାୟ ନେଇଛନ୍ତି। ସେ ଇଣ୍ଡୋନେସିଆର ମହମ୍ମଦ ଜାକି ଉବେଦିଲ୍ଲାଙ୍କଠାରୁ ୧୭-୨୧,୧୧-୨୧ରେ ପରାଜିତ ହୋଇଥିଲେ। ସେହିପରି ଭାରତର ଏଚ୍‌ଏସ୍ ପ୍ରଣୟ ମଧ୍ୟ ଜାପାନର କୋଡାଇ ନାରାଓକାଙ୍କଠାରୁ ୧୭-୨୧ ୨୨-୨୦ ୨୨-୨୪ରେ ପରାଜିତ ହୋଇଛନ୍ତି। ମହିଳା ଯୁଗଳରେ ଦୁଇ ଓଡ଼ିଆ ଭଉଣୀ ଶ୍ୱେତପର୍ଣ୍ଣା ଓ ଋତୁପର୍ଣ୍ଣା ପଣ୍ଡା ପ୍ରଥମ ରାଉଣ୍ଡରେ ବିଶ୍ୱର ୭ ନମ୍ବର ଯୋଡ଼ି ଜାପାନର ରିନ୍ ଇୱାଙ୍ଗା ଓ କିଏ ନାକାନିସିଙ୍କଠାରୁ ୭-୨୧ ଓ ୬-୨୧ରେ ପରାଜିତ ହୋଇ ବିଦାୟ ନେଇଛନ୍ତି। ତେବେ ପ୍ରଥମ ଦିନରେ ଭାରତ ପାଇଁ ଆଶାର ସଞ୍ଚାର କରିଛନ୍ତି ମାଳବିକା ବନସୋଡ୍ ଓ ଅସ୍ମିତା ଚାଲିହା । ମହିଳା ଏକକରେ ମାଳବିକା ଜର୍ମାନିର ୟୋଭୋନ ଲିଙ୍କୁ ୨୧-୧୭,୧୬-୨୧, ୨୧-୯ରେ ପରାସ୍ତ କରିଥିବାବେଳେ ଅସ୍ମିତା ୨୧-୧୬, ୨୧-୧୩ରେ ଇଣ୍ଡୋନେସିଆର ଥାଲିତା ରାମାଧାନି ୱିରୟାୱାନଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଓଡିଶାରେ ପ୍ରଥମ ଥର ସର୍ବଭାରତୀୟ ମହିଳା ହକି

ଭୁବନେଶ୍ୱର୨୧।୫:: ଓଡିଶାରେ ପ୍ରଥମ ଥର ପାଇଁ ଏକ ସର୍ବଭାରତୀୟ ମହିଳା ହକି ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ପକ୍ଷରୁ ଏଭଳି ଏକ ଅଭିନବ ପ୍ରୟାସ କରାଯାଇଛି। ଗତବର୍ଷ ଅନ୍ତଃକ୍ଲବ ମାଇକେଲ୍ କିଣ୍ଡୋ ସ୍ମାରକୀ ପୁରୁଷ ହକି ପ୍ରତିଯୋଗିତା ଆୟୋଜନ କରି ସଫଳତା ପାଇଥିବା ଏହି ଟ୍ରଷ୍ଟ୍ ଚଳିତବର୍ଷଠାରୁ ମହିଳା ହକିକୁ ଗୁରୁତ୍ୱ ଦେଇଛି। ମୋଟ ୮ ଦଳକୁ ନେଇ ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ରେ ମେ' ୨୨ରୁ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏହି ୮ ଦଳରେ ଅନେକ ତାରକା ଅନ୍ତର୍ଜାତୀୟ ଖେଳାଳିଙ୍କ ଉପସ୍ଥିତି ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ସବୁଠାରୁ ବଡ କଥା ହେଉଛି ଅଧା ଦଳ ଓଡିଶାରୁ ଅଂଶଗ୍ରହଣ କରିବେ। ସେଗୁଡିକ ହେଲେ-ରାଉରକେଲା କ୍ରୀଡା ଛାତ୍ରାବାସ, ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ, ସୁନ୍ଦରଗଡ କ୍ରୀଡା ଛାତ୍ରାବାସ ଏବଂ ଓଡିଶା ପୁଲିସ୍। ରାଜ୍ୟ ବାହାରୁ ଦକ୍ଷିଣ ପୂର୍ବ ରେଳପଥ, କୋଲକାତା ସାଇ କେନ୍ଦ୍ର, ହକି ସିମ୍‌ଡେଗା, ନୂଆଦିଲ୍ଲୀର ସିଆଇଏସଏଫ୍। ଏହି ପ୍ରତିଯୋଗିତା ଫଳରେ ଓଡିଶା ଓ ଭାରତୀ ହକିକୁ ଫାଇଦା ମିଳିବ ବୋଲି ଆୟୋଜକମାନେ ଆଶା ବ୍ୟକ୍ତ କରିଛନ୍ତି। ଚଳିତବର୍ଷ ଏହା ଗ୍ରୀଷ୍ମଋତୁରେ ଖେଳାଯାଉଥିଲେ ମଧ୍ୟ ଆସନ୍ତାବର୍ଷଠାରୁ ଫେବ୍ରୁଆରିରେ କରିବାକୁ ଯୋଜନା ରଖାଯାଇଛି।

**ପୁରସ୍କାର ରାଶି ୧ ଲକ୍ଷ**




କିଂବଦନ୍ତି ହକି ଖେଳାଳି ମାଇକେଲ୍ କିଣ୍ଡୋଙ୍କ ନାମରେ ଆୟୋଜିତ ଏହି ସର୍ବଭାରତୀୟ ମହିଳା ହକି ପ୍ରତିଯୋଗିତାର ବିଜେତା ଦଳକୁ ଏଥର ୧ ଲକ୍ଷ ଟଙ୍କା, ଉପବିଜେତାକୁ ୫୦,୦୦୦ ଟଙ୍କା ମିଳିବ। ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲକାରୀକୁ ଯଥାକ୍ରମେ ୩୦ ଓ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟର ଅଧ୍ୟକ୍ଷ କ୍ୟାପଟେନ୍ ରତିକାନ୍ତ ନାୟକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି। ପ୍ରତିଯୋଗିତାର ମୁଖ୍ୟ ଉପଦେଷ୍ଟା ଦିଲୀପ ତିର୍କି ଏହି ପ୍ରତିଯୋଗିତାକୁ ପ୍ରତିବର୍ଷ କରିବାକୁ ପରାମର୍ଶ ଦେବା ସହ ଏହାର ସୁଦୂର ପ୍ରସାରୀ ପ୍ରଭାବ ରହିବ ବୋଲି ଆଶା ବ୍ୟକ୍ତ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟର ସଭାପତି କ୍ୟାପଟେନ୍ ବିଶ୍ୱବିଜୟ ସାହୁ, ସମ୍ପାଦକ ରଂଜନ କୁମାର ଦାସ, ଉପଦେଷ୍ଟା ଡକ୍ଟର ଶେଷ କିଶନ ଉପସ୍ଥିତ ଥିଲେ।

## ରୋହିତ ଓ ପାଣ୍ଡ୍ୟାଙ୍କ ପାଇଁ ଫିଟନେସ ସମସ୍ୟା !

ନୂଆଦିଲ୍ଲୀ :ଦିନିକିଆ ବିଶ୍ୱକପରେ ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ଏବଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଂଶଗ୍ରହଣକୁ ନେଇ ପ୍ରଶ୍ନ ଉଠିଛି। ଚୟନକର୍ତ୍ତାମାନେ ଆସନ୍ତା ବର୍ଷ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ ବିଶ୍ୱକପ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରୁଥିଲେ। ରୋହିତ ଶର୍ମା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫିଟନେସ ନେଇ ଦ୍ୱନ୍ଦ୍ୱ ଥିଲା। ଫିଟନେସ ଆଧାରରେ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଉଭୟଙ୍କୁ ଚୟନ କରାଯାଇଥିଲା। ସୂଚନା ଅନୁଯାୟୀ, ଚୟନକର୍ତ୍ତା, ଦଳ ପରିଚାଳନା ଏବଂ ବିସିସିଆଇ ହାର୍ଦ୍ଦିକଙ୍କ ପୂର୍ଣ୍ଣ ଶକ୍ତିରେ ୧୦ ଓଭର ବୋଲିଂ କରିବାର କ୍ଷମତାକୁ ନେଇ ଚିନ୍ତିତ। ଆସନ୍ତା ବର୍ଷ ଅକ୍ଟୋବର-ନଭେମ୍ବର ସୁଦ୍ଧା ବିଶ୍ୱକପ ପାଇଁ ରୋହିତଙ୍କ ଫିଟନେସ ନେଇ ଚିନ୍ତା ବୃଦ୍ଧି ପାଇଛି। ହ୍ୟାମଷ୍ଟ୍ରିଙ୍ଗ ଆଘାତ ଯୋଗୁଁ ରୋହିତ ଆଇପିଏଲ୍‌ର ତିନି ସପ୍ତାହ ହରାଇଥିବାରୁ ଚୟନକର୍ତ୍ତାମାନେ ତାଙ୍କ ଫିଟନେସ ରିପୋର୍ଟ ମାଗିଥିଲେ। ବିସିସିଆଇର ଏକ ସୂତ୍ର କହିଛି, "ରୋହିତ ସେହି ତିନି ସପ୍ତାହ ପାଇଁ ବିସିସିଆଇର ଉତ୍କର୍ଷ କେନ୍ଦ୍ରକୁ ରିପୋର୍ଟ କରି ନଥିଲେ। ସେ ଦୁର୍ବଳ ହୋଇଯାଇଛନ୍ତି, କିନ୍ତୁ ତାଙ୍କ ଶରୀର ଉଚ୍ଚ-ପ୍ରଦର୍ଶନକାରୀ ଖେଳର ଭାର ସମ୍ଭାଳି ପାରିବ କି ନାହିଁ ସେ ବିଷୟରେ ଚିନ୍ତା ରହିଛି। ତାଙ୍କୁ ୫୦ଓଭର ପାଇଁ କ୍ଷେତ୍ରରକ୍ଷଣ କରିବାକୁ ପଡିବ। ଦିନିକିଆ କ୍ରିକେଟ ଆଇପିଏଲ୍ ପରି ପ୍ରଭାବଶାଳୀ ଖେଳାଳିଙ୍କ ବିକଳ୍ପ ପ୍ରଦାନ କରେ ନାହିଁ।

## ଫିଫା ବିଶ୍ୱକପ୍ ପାଇଁ ପୁଣି ଫେରିଲେ ଭେଟେରାନ ଗୋଲ୍‌କିପର



ବର୍ଲିନ, ୨୧।୫: ଫିଫା ବିଶ୍ୱକପ୍ ଲାଗି ଭେଟେରାନ ଗୋଲକିପର ମାନୁଏଲ ନେଉରଙ୍କୁ ଅବସରରୁ ଫେରିବା ପାଇଁ ଜର୍ମାନୀ କୋଚ୍ ଜୁଲିଆନ ନାଗେଲ୍ସମ୍ୟାନ ରାଜି କରିଛନ୍ତି। ୪୦ ବର୍ଷୀୟ ନେଉର ୨୦୨୪ ୟୁରୋପିଆନ ଚାମ୍ପିୟନଶିପ୍ ଶେଷ ହେବା ପରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିଲେ। କିନ୍ତୁ ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ଲାଗି ତାଙ୍କୁ ୨୬ ଜଣିଆ ଜର୍ମାନୀ ଦଳରେ ସାମିଲ କରାଯାଇଛି। ବାର୍ସିଲୋନା ଗୋଲକିପର ମାର୍କ-ଆଣ୍ଡ୍ରେ ଟେର ଷ୍ଟେଗେନଙ୍କୁ ନେଉରଙ୍କ ଉତ୍ତରାଧିକାରୀ ବିବେଚନା କରାଯାଉଥିଲା। ହେଲେ ଆହତ ସମସ୍ୟା କାରଣରୁ ସେ ଦଳରୁ ବାଦ୍ ପଡ଼ିଛନ୍ତି। ନେଉରଙ୍କ ବ୍ୟତୀତ ଦଳରେ ହଫେନହେଇମ ଗୋଲକିପର ଓଲିଭର ବାଉମାନ ରହିଛନ୍ତି। ହେଲେ ୩୫ ବର୍ଷୀୟ ବାଉମାନ ଜର୍ମାନୀ ପାଇଁ ୧୧ ମ୍ୟାଚ୍ ଖେଳିଥିବା ବେଳେ ନେଉର ୧୨୪ ମ୍ୟାଚ୍ ଖେଳିଛନ୍ତି।

# ଆଇପିଏଲ୍ ପରେ ଅବସର ନେଇପାରନ୍ତି ୫ କ୍ରିକେଟର

ନୂଆଦିଲ୍ଲୀ,୨୧।୫: ୨୦୨୬ ଆଇପିଏଲ ସିଜିନ ମେ ୩୧ରେ ଶେଷ ହେଉଛି, ଏବଂ ଫାଇନାଲ ମ୍ୟାଚ ଅହମଦାବାଦରେ ଖେଳାଯିବାକୁ ସ୍ଥିର ହୋଇଛି। ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଗୁଜରାଟ ପୂର୍ବରୁ ପ୍ଲେଅଫରେ ନିଜ ନିଜ ସ୍ଥାନ ସୁରକ୍ଷିତ କରିସାରିଛନ୍ତି, ଯେତେବେଳେ ଲିଗ ପର୍ଯ୍ୟାୟ ମେ ୨୪ରେ ଶେଷ ହେବାକୁ ଯାଉଛି। ସିଜିନ ଶେଷ ହେବା ସହିତ, କିଛି କ୍ରିକେଟରଙ୍କ ଅବସର ସମ୍ପର୍କରେ ଆଲୋଚନା ଆରମ୍ଭ ହୋଇଛି। ଏଠାରେ, ଆମେ ପାଞ୍ଚ ଜଣ କ୍ରିକେଟରଙ୍କ ଉପରେ ନଜର ପକାଇବା ଯେଉଁମାନେ ୨୦୨୬ ଆଇପିଏଲ ସିଜିନ ପରେ ଅବସର ନେବାକୁ ବାଛିପାରନ୍ତି।

**୧. ଏମ ଏସ ଧୋନି**

କିଛି ବର୍ଷ ଧରି, ଏକ ପୁନରାବୃତ୍ତି ଧାରା ଦେଖାଦେଇଛି ଯେଉଁଠାରେ ପ୍ରତ୍ୟେକ ସିଜିନ ଶେଷରେ ଏମ ଏସ ଧୋନିଙ୍କ ଅବସର ସମ୍ପର୍କରେ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ଏଥର, ଧୋନିଙ୍କ ଅବସର ସମ୍ପର୍କରେ ଆଲୋଚନା ବିଶେଷ ଗତି ପାଇଛି କାରଣ ସୁରେଶ ରାଇନା ତାଙ୍କୁ ସମ୍ପ୍ରତି ୨୦୨୭ ଆଇପିଏଲ ସିଜିନ ପାଇଁ ଫେରିବାର ସମ୍ଭାବନା ବିଷୟରେ ପଚାରିଥିଲେ। ଜବାବରେ, ଧୋନି ମନ୍ତବ୍ୟ ଦେଇଥିଲେ ଯେ ତାଙ୍କ ଶରୀର ମନ୍ଥର ହେବାର ସଙ୍କ ?ତ ଦେଖାଇବା ଆରମ୍ଭ କରିଛି।

**୨. ଅଜିଙ୍କ୍ୟ ରାହାଣେ**

୨୦୨୬ ଆଇପିଏଲ ମେଗା ନିଲାମ ସମୟରେ ପ୍ରଥମ ରାଉଣ୍ଡରେ ଅଜିଙ୍କ୍ୟ ରାହାଣେ ସମ୍ପୂର୍ଣ୍ଣ ବିକ୍ରୟ ହୋଇନଥିଲେ, କୌଣସି ଦଳ ତାଙ୍କ ପାଇଁ ଗୋଟିଏ ବିଡ ଦେଇ ନଥିଲେ। ଶେଷରେ ତାଙ୍କୁ ଶେଷ ରାଉଣ୍ଡରେ କୋଲକାତା ନାଇଟ ରାଇଡର୍ସ (କେକେଆର) ଦ୍ୱାରା ଅଧିଗ୍ରହଣ କରାଯାଇଥିଲା। ତଥାପି, ତାଙ୍କ ଅଧିନାୟକତ୍ୱରେ, କେକେଆର ୨୦୨୫ରେ ଏବଂ କିଛି ପରିମାଣରେ ୨୦୨୬ରେ ମଧ୍ୟ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲା। କୋଲକାତା ପ୍ଲେଅଫ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ରହିଥିବାବେଳେ, ସେମାନଙ୍କର ଯୋଗ୍ୟତା ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଅନ୍ୟ




ଦଳଗୁଡ଼ିକର ଫଳାଫଳ ଉପରେ ନିର୍ଭର କରେ। ଜଣେ ଅଧିନାୟକ ଭାବରେ, ରାହାଣେ ଦଳ ପରିଚାଳନାର ପୂର୍ଣ୍ଣ ବିଶ୍ୱାସ ଅର୍ଜନ କରିବାକୁ ସଂଘର୍ଷ କରିଛନ୍ତି। **୩. ସୁନୀଲ ନାରେନ**

୨୦୨୬ ଆଇପିଏଲ ସିଜିନ ଆରମ୍ଭ ହେବା ପୂର୍ବରୁ, ଆନ୍ଦ୍ରେ ରସେଲ ଲିଗରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ତାଙ୍କ ଦେଶବ୍ୟାପୀ, ୩୭ ବର୍ଷୀୟ ସୁନୀଲ ନାରେନ, ଏହି ସିଜିନ ମଧ୍ୟରେ ୨୦୦ ୱିକେଟ ହାସଲ କରିବାର ମାଇଲଖୁଣ୍ଟରେ ପହଞ୍ଚିଥିଲେ; ଏହା ସମ୍ଭବ ଯେ ସେ ଇଣ୍ଡିଆନ ପ୍ରିମିୟର ଲିଗକୁ ଏକ ଉଚ୍ଚ ସ୍ୱରରେ ବିଦାୟ ଦେବାକୁ ବାଛିପାରନ୍ତି, ଏବଂ ତାଙ୍କ ପଛରେ ଏକ ସୁନ୍ଦର ସ୍ମୃତି ଛାଡିପାରନ୍ତି।

**୪. ଇଶାନ୍ତ ଶର୍ମା**

୨୦୨୬ ଆଇପିଏଲ ସିଜିନରେ ଇଶାନ୍ତ ଶର୍ମାଙ୍କୁ ଗୁଜୁରାଟ ଟାଇଟାନ୍ସ ପାଇଁ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ମିଳିନଥିଲା। ଏହା ଏକ ଆଶ୍ଚର୍ଯ୍ୟଜନକ ସତ୍ୟ ଯେ, ୨୦୨୦ ପରଠାରୁ, ଇଶାନ୍ତ ଆଇପିଏଲରେ ମାତ୍ର ୨୮ ମ୍ୟାଚ ଖେଳିଛନ୍ତି। ସୁଯୋଗର ଅଭାବ ଯୋଗୁ, ଇଶାନ୍ତ ତାଙ୍କ ଆଇପିଏଲ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ନିଷ୍ପତ୍ତି ନେଇପାରନ୍ତି।

**୫. ଲିଆମ ଲିଭିଂଷ୍ଟୋନ**

ଗତ ତିନୋଟି ଆଇପିଏଲ ସିଜିନ ଲିଆମ ଲିଭିଂଷ୍ଟୋନ ପାଇଁ ବହୁତ ନିରାଶାଜନକ ହୋଇଛି। ୧୯ ମ୍ୟାଚରେ, ସେ ମାତ୍ର ୨୩୮ ରନ କରିଛନ୍ତି ଏବଂ ଏହି ସମୟ ମଧ୍ୟରେ ବଲରେ କେବଳ ୫ଟି ୱିକେଟ ନେଇଛନ୍ତି। ଆଇପିଏଲ ୨୦୨୬ ନିଲାମରେ, ସନରାଇଜର୍ସ ହାଇଦ୍ରାବାଦ ତାଙ୍କ ପାଇଁ ୧୩ କୋଟିର ବିଡ କରିଥିଲା, ତଥାପି ସେ ସମଗ୍ର ସିଜିନରେ କେବଳ ୨ଟି ମ୍ୟାଚ ଖେଳିଥିଲେ। ତାଙ୍କର ଖରାପ ଫର୍ମ ସତ୍ତ୍ୱେ, ଝଜଏ୍ ତାଙ୍କ ଉପରେ ବିଶ୍ୱାସ ଦେଖାଇଥିଲା; ତଥାପି, ଆଗାମୀ ସିଜିନରେ, ସେହି ଖରାପ ଫର୍ମ ଶେଷରେ ତାଙ୍କ ସହିତ ମିଶିପାରେ। ପଞ୍ଜାବ କିଙ୍ଗ୍ସ ଦ୍ୱାରା ମୁକ୍ତ ହେବା ପରେ ଗ୍ଲେନ ମ୍ୟାକ୍ସୱେଲ ଯେପରି ଆଇପିଏଲରୁ ଅବସର ନେଇଥିଲେ, ସେହିପରି ଯଦି ହାଇଦ୍ରାବାଦ ଲିଭିଂଷ୍ଟୋନକୁ ମୁକ୍ତ କରିବାକୁ ନିଷ୍ପତ୍ତି ନିଏ, ତେବେ ସେ ମଧ୍ୟ ତାଙ୍କର ଅବସର ଘୋଷଣା କରି ଆଶ୍ଚର୍ଯ୍ୟ ସୃଷ୍ଟି କରିପାରିବେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k